ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.117 Bhubaneswar Tuesday June 13 2023 | ୨୬ତମ ବର୍ଷ ସଂଖ୍ୟା–୧୧୭ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୧୩, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଆଷାଢ଼ରେ ବୈଶାଖର ତାତି; ରେକର୍ଡ କଲା ସମ୍ବଲପୁର ଖରା

ଭୁବନେଶ୍ୱର,୧୨।୬(ପି.ଏନ): ଆଷାଢ଼ରେ ବୈଶାଖର ତାତି। ବର୍ଷା ବଦଳରେ ଶିଝୁଛି ଓଡିଶା। ପଶ୍ଚିମ ଓଡିଶାର ସମ୍ବଲପୁର ପାଲଟିଛି ତତଲା ତାୱା। ଆଜି ଏଠାରେ ଦ୍ୱିତୀୟ ସର୍ବକାଳୀନ ତାପମାତ୍ରା ରେକର୍ଡ କରାଯାଇଛି। ସମ୍ବଲପୁରରେ ତାପମାତ୍ରା ୪୬.୧ ଡିଗ୍ରୀ ରେକର୍ଡ କରାଯାଉଛି। ଏହା ପୂର୍ବରୁ ଅର୍ଥାତ ୧୯୯୮ ମସିହାରେ ତାତିରେ ସର୍ବକାଳୀନ ରେକର୍ଡ କରାରିଥିଲା ସମ୍ବଲପୁର। ସେହି ବର୍ଷ ତାପମାତ୍ରା ୪୭.୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଯେଉଁଥିପାଇଁ ସନ୍ଷ୍ଟ୍ରୋକ୍‌ରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ୧୯୯୮ ପରଠାରୁ ଏପରି ତାତି କେବେ ହେଲେ ସମ୍ବଲପୁରରେ ଦେଖାଯାଇ ନଥିଲା। ହେଲେ ବର୍ଷ ୨୦୨୩ର ଜୁନ ୧୨ରେ ଏହି ରେକର୍ଡ ଭାଙ୍ଗିଛି। ୨୦୨୨ ମସିହାରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୪.୭ ଡିଗ୍ରୀ, ୨୦୨୧ ମସିହାରେ ୩୯.୬ ଡିଗ୍ରୀ, ୨୦୨୦ ମସିହାରେ ୩୯.୧ ଡିଗ୍ରୀ, ୨୦୧୯ ମସିହାରେ ୪୫.୬ ଡିଗ୍ରୀ, ୨୦୧୮ ମସିହାରେ ୪୦.୨ ଡିଗ୍ରୀ, ୨୦୧୭ ମସିହାରେ ୪୩.୪ ଡିଗ୍ରୀ, ୨୦୧୬ ମସିହାରେ ୪୩.୧ ଡିଗ୍ରୀ, ୨୦୧୫ ମସିହାରେ ୪୨.୯ ଡିଗ୍ରୀ, ୨୦୧୪ ମସିହାରେ ୪୪.୪ ଡିଗ୍ରୀ ଓ ୨୦୧୩ ମସିହାରେ ସର୍ବାଧିକ ତାପମାତ୍ରା ୪୨.୪ ଡିଗ୍ରୀ ରେକର୍ଡ କରାଯାଇଥିଲା।



## ୧୯ରୁ ଯୁକ୍ତ ୩ ଆଡମିଶନ ପାଇଁ ଆବେଦନ

ଭୁବନେଶ୍ୱର, ୧୨।୬(ପି.ଏନ): ଯୁକ୍ତ ୩ରେ ନାମଲେଖା ପାଇଁ ଆସନ୍ତା ୧୯ ତାରିଖରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ରେ ଆବେଦନ କରିପାରିବେ। ଏଥିନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି ।ସାମସ୍ ପୋର୍ଟାଲରେ ଛାତ୍ରଛାତ୍ରୀ ଆବେଦନ କରିପାରିବେ। http://samsodisha.gov.in ରେ ଲଗଇନ୍ କରି ସେମାନେ ଅନଲାଇନ୍ ଆବେଦନ କରିପାରିବେ। ବିଜ୍ଞପ୍ତି ଅନୁଯାୟୀ ଜୁନ୍ ୧୯ରୁ ଜୁଲାଇ ୪ ପର୍ଯ୍ୟନ୍ତ ଯୁକ୍ତ ୩ ଆଡମିଶନ ପାଇଁ ଆବେଦନ କରିହେବ। ଜୁଲାଇ ୧୪ରେ ପ୍ରଥମ ରାଉଣ୍ଡ ସିଟ୍ ଆଲଟମେଂଟ ପ୍ରକାଶ ପାଇବ। ଜୁଲାଇ ୧୪ରୁ ୧୮ ଯାଏଁ ସ୍ଲାଇଡ ସିଲେକ୍ସନ/ ଫ୍ରିଜ/ଅସ୍ୱନ ଫ୍ଲୋଟ୍ , ଜୁଲାଇ ୧୫ରୁ ୧୭– ଆଲଟ୍ ହୋଇଥିବା ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ ଛାତ୍ରଛାତ୍ରୀ। ସେହିପରି ଜୁଲାଇ ୨୭ରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟମେଂଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ତୃତୀୟ ପର୍ଯ୍ୟାୟ ମେଧା ତାଲିକା ଅଗଷ୍ଟ ୩, ଅଗଷ୍ଟ ୨୧ରେ ଚତୁର୍ଥ ପର୍ଯ୍ୟାୟ, ପଂଚମ ପର୍ଯ୍ୟାୟ ସେପ୍ଟେମ୍ବର ୧ ଏବଂ ଷଷ୍ଠ ପର୍ଯ୍ୟାୟ ୧୩ ସେପ୍ଟେମ୍ବରରେ ମେଧା ତାଲିକା ପ୍ରକାଶ କରାଯିବ ।

## ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଓଡ଼ିଶା ଗସ୍ତ



ରାଜଭବନ, ଛତିଶଗଡ଼, ୧୨।୬(ପି.ଏନ): ଛତିଶଗଡ଼ ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଆସନ୍ତା ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବାଛତିଶଗଡ଼ ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଛତିଶଗଡ଼ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଲା ପରେଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ। ଏହି ଗସ୍ତ ସମୟରେ ସେ ଓଡ଼ିଶାର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଭେଟିବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ।ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଓଡ଼ିଶା ଗସ୍ତରପ୍ରଥମ ଦିବସ ତଥା ୧୪ ତାରିଖ ପୂର୍ବାହ୍ନରେ ରାୟପୁର ବିମାନବନ୍ଦରୁ ବାହାରି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ନିଜସ୍ୱ ବାସଭବନକୁ ଯିବେ ଏବଂ ସଂଧ୍ୟାରେ କଟକ ଏସ.ସି.ବି. ମେଡିକାଲ କଲେଜ ଅଭିମୁଖେ ଯାତ୍ରା କରିବେ। ବାଲେଶ୍ୱର ରେଳ ଦୁର୍ଘଟଣାରେ ସେଠାରେ ଚିକିତ୍ସିତ ହେଉଥିବା ପିଡ଼ିତ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ଠାରୁ ପଚାରି ବୁଝିବେ। ୧୫ ତାରିଖ ପୂର୍ବାହ୍ନରେ ମହାପ୍ରଭୂ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଉକ୍ତଦିନ ସଂଧ୍ୟାରେ ବିଶ୍ୱମାନବିକ ଅଧିକାର ସୁରକ୍ଷା ସଂସ୍ଥା ଆନୁକୁଲ୍ୟରେ ଅନୁଷ୍ଠିତ 'ମାଟି, ମା' ଓ ମଣିଷର ସୁରକ୍ଷା ପାଇଁ ମାନବିକ ଅଧିକାର' କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ୧୬ ତାରିଖ ପୂର୍ବାହ୍ନରେ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଆଲୋଚନା କରିବେ ଏବଂ ଅପରାହ୍ନରେ ଓଡ଼ିଶାର ଦିଗ୍‌ବିଜୟୀ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଉପରେ ଡାକ୍ତର ସୋମନାଥ ପ୍ରସାଦ ଜେନାଙ୍କ ଦ୍ୱାରା ଲିଖିତ ଉପନ୍ୟାସ ‌ନ୍ତଦିଗ୍‌ବିଜୟୀ ଗଜପତିନ୍ତ ପୁସ୍ତକ ଉନ୍ମୋଚନ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜସ୍ୱ ଅଭିବ୍ୟକ୍ତି ରଖିବେ ଏବଂ ଉକ୍ତ ପୁସ୍ତକ ଉନ୍ମୋଚନ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦରଣୀୟା ମା' ହୀରାବେନ୍ ମୋଦିଙ୍କ ୧୦୦ତମ ଜନ୍ମୋତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେବା ପାଇଁ ୧୭ ତାରିଖ ଅପରାହ୍ନରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ୧୮ ତାରିଖ ଦିନ ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା' ହୀରାବେନ୍ ମୋଦିଙ୍କର ୧୦୦ତମ ଜନ୍ମୋତ୍ସବ ଅବସରରେ ଆଇ.ଆଇ.ସି. ନୂଆଦିଲ୍ଲୀ ଠାରେ ସି.ଏନ.ଏମ.ଏସ. (ସେଂଟର ଫର ନରେନ୍ଦ୍ର ମୋଦି ଷ୍ଟଡି) ଆନୁକୁଲ୍ୟରେ ଅନୁଷ୍ଠିତ ନ୍ତଏକ ମା'ର ପ୍ରଭାବ: ମୋଦିଙ୍କ ମା' କିପରି ମୋଦିଙ୍କ ନେତୃତ୍ୱ ଓ ଦୃଷ୍ଟିକୋଣକୁ ତିଆରି କରିଥିଲେନ୍ତ କର୍ମଶାଳାରେ ଯୋଗଦେବେ ଏବଂପ୍ରଧାନମନ୍ତ୍ରୀ ମୋଦିଙ୍କ ମା'ଉପରେ ପ୍ରକାଶ ପାଇବାକୁ ଥିବା ପୁସ୍ତକ ନ୍ତମା' ଓନ୍ତସ୍ମରଣୀକାନ୍ତ ଉଭୟ ଉନ୍ମୋଚନ କରି ଉକ୍ତ ସଭାକୁ ଉଧ୍‌ବୋଧନ ଦେବେ।ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ୧୯ ତାରିଖ ସଂଧ୍ୟାରେ ରାୟପୁର ରାଜଭବନ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ଥିବା ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି।

### ରାଜଧାନୀରେ ଗଡିବନି ବାଇକ ଟ୍ୟାକ୍ସି, ସୁପ୍ରିମକୋର୍ଟ ଦେଲେ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୨।୬(ପି.ଏନ): ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ବଦଳାଇ ଦେଇଛନ୍ତି ସୁପ୍ରିମକୋର୍ଟ। ରାଜଧାନୀ ଦିଲ୍ଲୀର ରାସ୍ତାରେ ଗଡିବନି ବାଇକ ଟ୍ୟାକ୍ସି। ରାପିଡୋ, ଓଲା ଓ ଉବେର ଭଳି ସଂସ୍ଥା ରାଜଧାନୀରେ ବାଇକ ଟ୍ୟାକ୍ସି ସେବା ଯୋଗାଉ ଥିଲେ। ଏହାକୁ ଦିଲ୍ଲୀ ହାଇକୋର୍ଟ ମଧ ଅନୁମତି ଦେଇଥିଲେ। ତେବେ ଏହି ରାୟ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଛନ୍ତି। ଲାଇସେନ୍ସ ପାଇଁ ଉପଯୁକ୍ତ ନୀତି ନ ଆସିବା ଯାଏ ବାଇକ ଟ୍ୟାକ୍ସି ସେବା ଦିଲ୍ଲୀରେ ମିଳିବ ନାହିଁ। ଶୁଣାଣି ବେଳେ ଦିଲ୍ଲୀ ସରକାର ସୁପ୍ରିମକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଜୁନ ୩୦ ସୁଦ୍ଧା ବାଇକ ଟ୍ୟାକ୍ସି ସେବା ପାଇଁ ନୂଆ ଗାଇଡଲାଇନ ଆସିବ।

### ବିଶ୍ୱବିଦ୍ୟାଳୟର ପଛୁଆବର୍ଗ ଛାତ୍ରଛାତ୍ରୀ , କର୍ମଚାରୀମାନଙ୍କର ହେବ ପଞ୍ଜିକରଣ

ଭୁବନେଶ୍ୱର, ୧୨।୬(ପି.ଏନ): ଓଡିଶା ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ତତ୍ୱାବଧାନରେ ହେଉଥିବା ରାଜ୍ୟର ପଛୁଆବର୍ଗ ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କିତ ଅନଲାଇନ୍ ସର୍ଭେ ଚଳିତ ଜୁନ ମାସ ୨୯ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପୁନଶ୍ଚ ପଛୁଆ ବର୍ଗ ଆୟୋଗଙ୍କ ପତ୍ର ସଂଖ୍ୟା ୧୨୨୮ ତା.୩୦.୦୫. ୨୦୨୩ରିଖ ଦ୍ୱାରା ସମସ୍ତ ବିଭାଗୀୟ ମୁଖ୍ୟ, ସମସ୍ତ ଜିଲ୍ଲାପାଳ ଓ ନଗରପାଳିକା ଆୟୁକ୍ତମାନଙ୍କୁ ସେମାନଙ୍କ ଅଧିନରେ ଥିବା ସମସ୍ତ ପଛୁଆବର୍ଗ କର୍ମଚାରୀମାନଙ୍କର ପଞ୍ଜିକରଣ ନିମନ୍ତେ ଅନୁରୋଧ କରାଯାଇଛି । ଏତଦବ୍ୟତୀତ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରମାନଙ୍କୁ ଅଧ୍ୟୟନରତ ପଛୁଆବର୍ଗ ଛାତ୍ରଛାତ୍ରୀ ଏବଂ କାର୍ଯ୍ୟରତ ପଛୁଆବର୍ଗ କର୍ମଚାରୀ ମାନଙ୍କର ପଞ୍ଜିକରଣ ନିମନ୍ତେ ଅନୁରୋଧ କରାଯାଇଛି ।

## କଂଟାବାଞ୍ଜିରେ ଆୟୁବ ଖାଁ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୬(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସିଂ ଜରିଆରେ ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜି ଠାରେ ଆୟୁବ ଖାଁ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ୍ ଉଦ୍ଘାଟନ କରିଛନ୍ତି । ଏହା ଦ୍ୱାରା ବଲାଙ୍ଗୀର ଜିଲ୍ଲା ବିଶେଷ କରି କଂଟାବାଞ୍ଜି ଓ ଟିଟିଲାଗଡ ଅଂଚଳର ଲୋକମାନେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇ ପାରିବେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିଶିଷ୍ଟ ଜନନେତା ତଥା ସମାଜସେବୀ ଆୟୁବ ଖାଁ ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ସରକାରର ନୀତି ହେଉଛି ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏଥି ଆଦର୍ଶରେ ଆମେ କାମ କରୁଛୁ ଏବଂ ସମାଜର ସବୁଠାରୁ ଗରିବ ଲୋକକୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ କାମ କରୁଛୁ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରେ ସ୍ୱାସ୍ଥ୍ୟ ସେବ କ୍ଷେତ୍ରରେ ରୂପାନ୍ତର ଆସିଛି । ନୂଆ ନୂଆ ମେଡିକାଲ କଲେଜ ସ୍ଥାପନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ନିରାମୟ ଆଦି ଯୋଜନାର କାର୍ଯ୍ୟକାରିତା ଯୋଗୁ ଗରୀବ ଲୋକମାନେ ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ଓ ଔଷଧ ପାଇ ପାରୁଛନ୍ତି । ବଲାଙ୍ଗୀରରେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ସହିତ ରାଜ୍ୟରେ ୮ଟି ନୂଆ ମେଡିକାଲ କଲେଜ ସ୍ଥାପନ ଦ୍ୱାରା ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମି ଉନ୍ନତ ହୋଇଛି ବୋଲି ସେ କହିଥିଲେ । ପ୍ରତି ବର୍ଷ ଏବେ ରାଜ୍ୟରୁ ୨୦୦୦ରୁ ଅଧିକ ଡକ୍ଟର ବାହାରୁଛନ୍ତି ବୋଲି ପ୍ରକାଶ କରିବା ସହିତ ଚଳିତ ବର୍ଷ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଡାକ୍ଟର ପଦବୀ ପୂରଣ କରାଯିବ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀମତୀ ରୀତା ସାହୁ, ସାଂସଦ ବସନ୍ତ ପଣ୍ଡା, ସାଂସଦ ନିରଞ୍ଜନ ବିଶି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ୧୫ ତାରିଖରେ ସ୍ଥଳଭାଗ ଛୁଇଁବ ବାତ୍ୟା, ଗୁଜରାଟରୁ ପାକିସ୍ତାନ ଯାଏଁ ହାଇଆଲର୍ଟ

ନୂଆଦିଲ୍ଲୀ,୧୨।୬(ପି.ଏନ): ସାଇକ୍ଲୋନ ପାଇଁ ସତର୍କତା । ଗୁଜରାଟରୁ ପାକିସ୍ତାନ ଯାଏଁ ହାଇଆଲର୍ଟ । କେରଳ, ମହାରାଷ୍ଟ୍ରରେ ବି ବିପର୍ଯ୍ୟୟର ପ୍ରଭାବ ପଡ଼ିବ। ସମୁଦ୍ରରେ ଉଚ୍ଚ ଜୁଆର ସାଙ୍ଗକୁ ବିଭିନ୍ନ ସ୍ଥାନରେ ଜାରି ରହିଛି ଲଗାଣ ବର୍ଷା । ଆସନ୍ତା ୧୫ ତାରିଖରେ ସ୍ଥଳଭାଗ ଛୁଇଁବ ବାତ୍ୟା ବିପର୍ଯ୍ୟୟ ।ଏକ୍ସଟ୍ରିମଲି ସିଭିୟର ସାଇକ୍ଲୋନରେ ପରିଣତ ହୋଇ ଆରବ ସାଗରରେ ସ୍ଥଳଭାଗ ଆଡକୁ ବଢୁଛି ବାତ୍ୟା । ସମୁଦ୍ର ଉପକୂଳ ଛୁଇଁବା ବେଳକୁ ବାତ୍ୟା ସାମାନ୍ୟ ଦୁର୍ବଳ ହୋଇଯିବ । ଅତି ଭୀଷଣ ବାତ୍ୟାରେ ପରିଣତ ହୋଇ ଲ୍ୟାଣ୍ଡ ଫଲ କରିବ ବାତ୍ୟା ବିପର୍ଯ୍ୟୟ । ସେ ?ରାଷ୍ଟ୍ର-କଚ୍ଛ ଉପକୂଳ ତଥା ପାକିସ୍ତାନର କରାଚି ଉପକୂଳରେ ସାଇକ୍ଲୋନ ମାଡ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି ।ଏବେ ପୋରବନ୍ଦରଠାରୁ ପ୍ରାୟ ୩ଶହ କିମି ଦୂର ଦକ୍ଷିଣ-ପଶ୍ଚିମ ଦିଗରେ ରହିଛି ବାତ୍ୟା । ଏହା ଘଣ୍ଟା ପ୍ରତି ୫କିମି ବେଗରେ ସ୍ଥଳଭାଗ ଆଡକୁ ବଢୁଛି । ଲ୍ୟାଣ୍ଡଫଲ ପରେ ବାତ୍ୟା ପ୍ରଭାବରେ ଘଣ୍ଟା ପ୍ରତି ୧୨୫ରୁ ୧୩୦ କିମି ବେଗରେ ପବନ ବହିବା ସହ ଅତି ପ୍ରବଳ ବର୍ଷା ହେବ। ୧୫ ତାରିଖରେ ସୌରାଷ୍ଟ୍ର, କଛ ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି କରାଯାଇଛି । ୨୦ ମିମିରୁ ଅଧିକ ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ରହିଛି ।ବାତ୍ୟା ଉପକୂଳ ଛୁଇଁବା ସମୟରେ ସମୁଦ୍ରରେ ୨ରୁ୩ ମିଟର ଉଚ୍ଚ ଜୁଆର ଆସିପାରେ । ୧୬ ତାରିଖରେ ବାତ୍ୟା ନର୍ଥ ଗୁଜରାଟ ଓ ସାଉଥ ରାଜସ୍ଥାନ ଆଡ଼କୁ ଗତି କରିବ । ଫଳରେ ବିଭିନ୍ନ ଜିଲ୍ଲାରେ ୪୦ରୁ ୫୦ କିମି ପର୍ଯ୍ୟନ୍ତ ପବନ ଓ ପ୍ରବଳ ବର୍ଷା ହୋଇପାରେ । ସମ୍ଭାବ୍ୟ ବାତ୍ୟା ଯୋଗୁ ଗୁଜରାଟର ତଳିଆ ଅଞ୍ଚଳଗୁଡ଼ିକରେ ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ଓ ଆବଶ୍ୟକ ବ୍ୟବସ୍ଥା କରିବାକୁ ପିଏମଓ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସେପଟେ ମହାରାଷ୍ଟ୍ରରେ ସମୁଦ୍ର ଅଶାନ୍ତ ସାଙ୍ଗକୁ ବର୍ଷା ଜାରି ରହିଥିବା ବେଳେ ପାଗ ଅନୁକୂଳ ନଥିବାରୁ ମୁମ୍ବାଇ ବିମାନବନ୍ଦରରୁ ଅନେକ ବିମାନ ବାତିଲ କରିଦିଆଯାଇଛି ।

## ଶେଷରେ ଗଠନ ହେଲା କଲ୍ୟାଣ ବୋର୍ଡ : ଡ୍ରାଇଭର ଓ କର୍ମଚାରୀଙ୍କୁ ମିଳିବ ୪ଲକ୍ଷ ଟଙ୍କାର ସହାୟତା



ଭୁବନେଶ୍ୱର,୧୨।୬(ପି.ଏନ): ଡ୍ରାଇଭରମାନଙ୍କ ବାରମ୍ବାର ଆନ୍ଦୋଳନ ପରେ ଶେଷରେ ରାଜ୍ୟ ସରକାର ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ଯୋଜନାକୁ ଅନୁମୋଦନ କରିଛନ୍ତି । ମୋଟର ପରିବହନ ଡ୍ରାଇଭର ଓ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି 'କଲ୍ୟାଣ ବୋର୍ଡ ଗଠନ' କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଜୁରୀ ଦେଇଛନ୍ତି । ଏହି କଲ୍ୟାଣ ବୋର୍ଡକୁ କାର୍ଯ୍ୟକ୍ଷମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଆର୍ଥିକ ଅନୁଦାନ ପ୍ରଦାନ କରାଯିବ ବୋଲି ଜଣାପଡିଛି । ସୂଚନା ଅନୁସାରେ, ପ୍ରାରମ୍ଭିକ ଭାବେ ପରିବହନ କର୍ମଚାରୀ ଯଥା ଡ୍ରାଇଭର ଓ ଅନ୍ୟାନ୍ୟ କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ସୁବିଧା ଘୋଷଣା କରାଯାଇଛି । ଡ୍ରାଇଭର କିମ୍ବା କର୍ମଚାରୀଙ୍କ ମୃତ୍ୟୁ ହେଲେ ତାଙ୍କର ନିକଟ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା, ସ୍ଥାୟୀ ଅକ୍ଷମ ହେଲେ ୧.୫୦ଲକ୍ଷ ଟଙ୍କା ଓ ଅତି ଗଭୀର ଆଘାତ ହେଲେ ୮୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ । ସେହିପରି ସାଧାରଣ ଭାବେ ମୃତ୍ୟୁ ହେଲେ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ୨ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ ।

## ପ୍ରଥମ ଜନଜାତି ଖେଳ ମହୋତ୍ସବ ଉଦ୍‌ଯାପିତ




ଭୁବନେଶ୍ୱର,୧୨।୬ (ପି.ଏନ): ଜୁନ୍ ୯ତାରିଖରୁ ୪ଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟରେ ଚାଲିଥିବା ପ୍ରଥମ ଜନଜାତି ଖେଳ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ, ସଂଖ୍ୟାଲଘୁ, ପଛୁଆବର୍ଗ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, କେନ୍ଦ୍ର ସଂସ୍କୃତି ବିଭାଗ ଯୁଗ୍ମ ସଚିବ ସଂଯୁକ୍ତା ମୁଦ୍‌ଗଲ ଏବଂ ରଗ୍‌ବୀ ଇଣ୍ଡିଆ ସଭାପତି ରାହୁଲ ବୋଷ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସାମଗ୍ରିକ ଚାମ୍ପିୟନ ହୋଇଥିବା ଓଡ଼ିଶା ବାଳକ ଓ ବାଳିକ ଦଳକୁ ଟ୍ରଫି ପ୍ରଦାନ କରିବା ସହ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସେ କହିଲେ, ଓଡ଼ିଶାର ଯେତେ ଖେଳାଳି ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ଓଡ଼ିଶାକୁ ସୁନାମ ଆଣୁଛନ୍ତି, ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଜନଜାତି ବର୍ଗର। ଜନଜାତି ସମ୍ପ୍ରଦାୟ ପିଲାଙ୍କ ମଧ୍ୟରେ ବହୁ ପ୍ରତିଭା ଅଛନ୍ତି। ସେମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ ପାଇଁ ରାଜ୍ୟ ସରକାର ସମସ୍ତ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଆସୁଛନ୍ତି ବୋଲି ସେ କହିଥିଲେ। ଖେଳ ମହୋତ୍ସବରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ସାମଗ୍ରିକ ଚାମ୍ପିୟନ ହୋଇ ରାଜ୍ୟକୁ ଗୌରବ ଆଣି ଦେଇଛି। ବିଶେଷ କରି କିସ୍ ଖେଳାଳିଙ୍କ ଉତ୍କର୍ଷ କ୍ରୀଡ଼ା ପ୍ରଦର୍ଶନ ପାଇଁ ସମସ୍ତଙ୍କର ପ୍ରଶଂସା ସାଉଁଟିଛନ୍ତି। ସେହିପରି କର୍ଣ୍ଣାଟକର ଉଭୟ ବାଳକ ଓ ବାଳିକା ଦଳ ସାମଗ୍ରିକ ପ୍ରଥମ ରନର୍ସ ହୋଇଥିବା ବେଳେ ଝାଡ଼ଖଣ୍ଡର ଉଭୟ ବାଳକ ଓ ବାଳିକା ଦଳ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି ।ରଗ୍‌ବୀ ବାଳକ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଝାଡ଼ଖଣ୍ଡ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ରଗ୍‌ବୀ ବାଳିକା ବର୍ଗରେ ଓଡ଼ିଶା ଦଳ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ହକି ପୁରୁଷ ବର୍ଗରେ ଓଡ଼ିଶା ଦଳ ଚାମ୍ପିୟନ୍ ହୋଇଥିବା ବେଳେ ଝାଡ଼ଖଣ୍ଡ ଓ ମଧ୍ୟପ୍ରଦେଶ ଯଥାକ୍ରମେ ରନର୍ସ ଅପ୍ ଓ ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ବାଳିକା ହକିରେ ଓଡ଼ିଶା ଦଳ ଚାମ୍ପିୟନ ହୋଇଥିବା ବେଳେ ଝାଡ଼ଖଣ୍ଡ ରନର୍ସ ଅପ୍ ଓ ମଧ୍ୟପ୍ରଦେଶ ତୃତୀୟ ସ୍ଥାନରେ ରହିଛନ୍ତି। କବାଡ଼ି ପୁରୁଷ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ତାମିଲନାଡୁ ଓ କର୍ଣ୍ଣାଟକ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ମହିଳା ବର୍ଗରେ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ଓ ଛତିଶଗଡ଼ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଖୋ ଖୋ ବାଳକ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କର୍ଣ୍ଣାଟକ ରନର୍ସ ଅପ୍ ଓ ଗୁଜୁରାଟ ଓ ମଧ୍ୟପ୍ରଦେଶ ଉଭୟ ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବର୍ଗରେ ଓଡ଼ିଶା ମଧ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଗୁଜୁରାଟ ରନର୍ସ ଅପ୍ ଏବଂ ଛତିଶଗଡ଼ ଓ କର୍ଣ୍ଣାଟକ ତୃତୀୟ ସ୍ଥାନରେ ରହିଛନ୍ତି। ଫୁଟବଲ ବାଳକ ବର୍ଗରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବିହାର ରନର୍ସ ଅପ୍ ଓ ଝାଡ଼ଖଣ୍ଡ ତୃତୀୟ ସ୍ଥାନରେ ରହିଛନ୍ତି। ବାଳିକା ବର୍ଗରେ ଛତିଶଗଡ଼ ପ୍ରଥମ ସ୍ଥାନରେ ରହିଥିବା ବେଳେ ଝାଡ଼ଖଣ୍ଡ ରନର୍ସ ଅପ୍ ଓ ତ୍ରିପୁରା ତୃତୀୟ ସ୍ଥାନରେ ରହିଛନ୍ତି। ଭଲିବଲ୍ ବାଳକ ବର୍ଗରେ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହିଥିବା ବେଳେ ଉତ୍ତରାଖଣ୍ଡ ଓ ଓଡ଼ିଶା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବାଳିକା ବର୍ଗରେ କର୍ଣ୍ଣାଟକ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଓଡ଼ିଶା ଓ ଗୁଜୁରାଟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ପ୍ରବଳ ଖରା ଓ ଗରମ ସତ୍ତ୍ୱେ ୫ହଜାର ଖେଳାଳି, କୋଚ ଓ ଅଫିସିଆଲ୍ କିଟ୍ ପରିସରରେ ରହି ଅତି ସୁନ୍ଦର ଭାବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିଲେ। ଏଥିରେ ଜନଜାତି ଖେଳାଳିଙ୍କ ମଧ୍ୟରେ ଉଦ୍ଦୀପନା ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏତେ ସଫଳ ଭାବରେ ପ୍ରଥମ ଜନଜାତି ଖେଳ ମହୋତ୍ସବ ଆୟୋଜନ ହେବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି। ଏହା ସହ ଶ୍ରୀ ସାମନ୍ତ କେନ୍ଦ୍ର ସରକାର, କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଓ ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ପୂର୍ବରୁ କିଟ୍ ମଧ ପ୍ରଥମ ଖେଲୋ ଇଣ୍ଡିଆ ସଫଳତାର ଆୟୋଜନ କରିଥିଲା।

## ଶିଖରଚଣ୍ଡି ପାହାଡରେ ଗଛକଟା ପ୍ରସଙ୍ଗ: ପରବର୍ତ୍ତୀ ଶୁଣାଣି ନହେବା ଯାଏଁ କାମ ବନ୍ଦ ନିର୍ଦ୍ଦେଶ



ଭୁବନେଶ୍ୱର,୧୨।୬(ପି.ଏନ): ଭୁବନେଶ୍ୱର ନିକଟ ଶିଖରଚଣ୍ଡି ପାହାଡରେ ଗଛକଟା ପ୍ରସଙ୍ଗରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଛାଟ। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନକରିବାକୁ ଏନ୍ ?ଜିଟି ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ସିସିଏଫଙ୍କ ଅଧକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ସପ୍ତାହ ମଧ୍ୟରେ ଘଟଣାସ୍ଥଳ ପରିଦର୍ଶନ କରି ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରିବାକୁ ଏବଂ ୩ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲଙ୍କ ନିକଟରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ ପାଇଁ କହିଛନ୍ତି। ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ଏନ୍‌ଜିଟି। ସୂଚନା ଥାଉକି, ଶିଖରଚଣ୍ଡୀ ପାହାଡ଼ରେ ବୁଲଡୋଜର ସହାୟତାରେ ପଥର ଫଟାଇ ପାହାଡ଼ ସଫା କରାଯାଉଥିଲା। ଭୁବନେଶ୍ୱରକୁ ପାଣି ଯୋଗାଣ ପାଇଁ ଏକ ବିଶାଳ ପାଣି ଟାଙ୍କି ନିର୍ମାଣ କରାଯାଉଥିବା କୁହାଯାଉଛି। ଏହି ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ତ ହୋଇଥିଲେ। ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ ଥିବା ଏହି ପାହାଡ଼ ଜୈବ ବିବିଧତାରେ ପରିପୂର୍ଣ୍ଣ।

## ଶେଷ ପର୍ଯ୍ୟାୟରେ ରାମ ମନ୍ଦିର ନିର୍ମାଣ କାମ, ଅକ୍ଟୋବର ସୁଦ୍ଧା ସରିବ

ନୂଆଦିଲ୍ଲୀ,୧୨।୬(ପି.ଏନ): ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଚାଲିଥିବା ଭବ୍ୟ ରାମ ମନ୍ଦିରର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୩ ମହଲା ବିଶିଷ୍ଟ ରାମ ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର କାମ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ ।ଆସନ୍ତାବର୍ଷ ଦେଶରେ ସାଧାରଣ ନିର୍ବାଚନ ହେବ। ସେହିବର୍ଷ ଜାନୁଆରୀରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହେବ ବୋଲି ଜଣାପଡିଛି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୨ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ








# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ। ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ। ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି। କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ। ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ। ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ। ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ। ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି। ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି। ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ। ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି। ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି। ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର। ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍। କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ। ସୁନାରେ ପ୍ରସ୍ତୁତ ଚକୋଲେଟ୍। ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି। ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।
କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି। ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି। ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧିପାଇଛି। ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି। ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ। ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ। ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ। ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ। ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ। ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି। ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି। ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ। ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି। ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି। ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି। କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ। କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି। ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି। ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟବନ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି। ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି। ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି। ମାମଲାଟି ୨୦୧୨ ମସିହାର। ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷିୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା। ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ। ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ। ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ। ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି। ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା। ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ। ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି। ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି। ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା। ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି। ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି। ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି।

## ଆଜିର ଭାଗ୍ୟ


**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।


**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।


**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।


**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।


**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।


**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।


**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।


**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।


**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।


**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।


**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।


**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ ସାବ୍ୟସ୍ତ ହୋଇପାରେ। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ। ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି। ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ। ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ। ଯାହା ସାଧାରଣତଃ ହାନିକାରକ ନୁହେଁ। କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ। ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ ।



ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।




# ମୁକ୍ତିପଥର ସୈନିକ ପବିତ୍ର ମୋହନ ପ୍ରଧାନ

ତାଳଚେର ମାଟି ତିନୋଟି କଥାପାଇଁ ସର୍ବତ୍ର ପରିଚିତ। ଜଗତ ଜନନୀ ମାଆ ହିଙ୍ଗୁଳା, କୃଷ୍ଣ ହୀରା ଓ ପ୍ରଜାମଣ୍ଡଳ । ତାଳଚେର ପ୍ରଜାମଣ୍ଡଳ ର ମୁଖ୍ୟ ପୁରୋଧା ଥିଲେ ଆଜନ୍ମ ବିପ୍ଳବୀ ପବିତ୍ର ମୋହନ ପ୍ରଧାନ। ମୁକ୍ତିପଥ ର ସୈନିକ ସାଜି ପବିତ୍ର ମୋହନ ପ୍ରଧାନ ସେଦିନ ତାଳଚେର ରାଜତନ୍ତ୍ର ଓ ବ୍ରିଟିଶ ଶାସନ ଉପରେ କବର ଖୋଳି ଉଡାଇଥିଲେ ଗଣତନ୍ତ୍ର ର ବୈଜୟନ୍ତୀ। ସମଗ୍ର ଭାରତବର୍ଷ ବ୍ରିଟିଶ ଶାସନାଧୀନ ଥିବାବେଳେ ତାଳଚେର ପରି ଗଡ଼ଜାତ ରାଜ୍ୟ ଗୁଡିକ ର ପ୍ରଜାମାନଙ୍କର ଦୁଇ ଗୋଡ଼ ରେ ଦୁଇଟି ବେଡି ଥିଲା। ଗୋଟିଏ ଥିଲା ରାଜତନ୍ତ୍ର ର ବେଡି ଓ ଅନ୍ୟ ଟି ଥିଲା ଇଂରେଜ ସରକାର ଙ୍କର ବେଡି। ଇଂରେଜ ସରକାର ଙ୍କର ଛତ୍ରଛାୟା ତଳେ ଥାଇ ଗଡ଼ଜାତ ରାଜ୍ୟର ରାଜାମାନେ ପ୍ରଜାମାନଙ୍କୁ ଅକଥନୀୟ ଅତ୍ୟାଚାର କରୁଥିଲେ। ବିଭିନ୍ନ ପ୍ରକାର ବେଠି, ବେଗାରୀ ଇତ୍ୟାଦି ଖଟାଉଥିଲେ ଓ ବିଭିନ୍ନ ପ୍ରକାର କର ମଧ୍ୟ ଆଦାୟ କରୁଥିଲେ। ଓଡ଼ିଶାର ୨୬ ଟି ଗଡ଼ଜାତ ରାଜ୍ୟ ମଧ୍ୟରୁ ତାଳଚେର ଥିଲା 'ଖ' ଶ୍ରେଣୀ ଭୁକ୍ତ ରାଜ୍ୟ। ଅଧିକ ପାରିତୋଷିକ ବ୍ରିଟିଶ ସରକାର ଙ୍କୁ ଦେଇ ତାଳଚେର କୁ 'କ' ଶ୍ରେଣୀ ଭୁକ୍ତ କରି ବ୍ରିଟିଶ ସରକାର ଙ୍କ ଶୁଭ ଦୃଷ୍ଟିରେ ରହିବାପାଇଁ ତାଳଚେର ରାଜତନ୍ତ୍ର ପ୍ରଜାମାନଙ୍କ ଉପରେ ବିଭିନ୍ନ ପ୍ରକାର କର ଧାର୍ଯ୍ୟ କଲେ। ପ୍ରଜା ମାନଙ୍କର ଦୁର୍ଦ୍ଦଶା ଦେଖି ତାଳଚେର ପଞ୍ଚସଖା ମଧ୍ୟରୁ ଅନ୍ୟତମ କୃତ୍ତିବାସ ରଥ କହିଥିଲେ,' ବଗ ର ଅଣ୍ଟ ବଢିଲେ ମୀନ ଙ୍କ ବିପତ୍ତି।' ତାଳଚେର ରାଜତନ୍ତ୍ର ର ଅତ୍ୟାଚାର ରେ ଅତ୍ୟାଚାରିତ ହୋଇ ତାଳଚେର ର ପ୍ରଜାଗଣ ତ୍ରାହି ତ୍ରାହି ଡାକ ଦେଲେ।୧୯୧୧ ମସିହା ର ବ୍ରାହ୍ମଣ ବିଦ୍ରୋହ, ୧୯୨୨ ମସିହା ର କ୍ଷତ୍ରିୟ ବିଦ୍ରୋହ କୁ ତାଳଚେର ରାଜତନ୍ତ୍ର ଅତ୍ୟନ୍ତ ଅମାନୁଷିକ ଭାବରେ ଦମନ କରିଦେଇଥିଲେ। କିନ୍ତୁ ୧୯୩୫ ମସିହା ରେ ଆରମ୍ଭ ହୋଇଥିବା ତୃତୀୟ ତଥା ଅନ୍ତିମ ବିଦ୍ରୋହ କୁ ତାଳଚେର ରାଜତନ୍ତ୍ର ତଥା ବ୍ରିଟିଶ ସରକାର ଦମନ କରିପାରିନଥିଲେ। ଏହାର ମୁଖ୍ୟ କାରଣ ଥିଲା ଏହି ବିଦ୍ରୋହ ର ନେତୃତ୍ୱ ନେଇଥିଲେ ଉଚ୍ଚ ଶିକ୍ଷିତ ଯୁବକ ପବିତ୍ର ମୋହନ ପ୍ରଧାନ ଓ ତାଙ୍କର ବଳିଷ୍ଠ ସହଯୋଗୀ ବୃନ୍ଦ ମଧ୍ୟଥିଲେ ଉଚ୍ଚ ଶିକ୍ଷିତ। ସମସ୍ତ ବର୍ଗର ଲୋକ ତାଙ୍କୁ ଅକୁଣ୍ଠ ଚିତ୍ତରେ ସହଯୋଗ କରିଥିଲେ। ୧୯୦୮ ଫେବୃଆରୀ ୮ ତାରିଖରେ ତାଳଚେର ପୋଇପାଳ ଗ୍ରାମରେ ପିତା ଭରତ ଚନ୍ଦ୍ର ଓ ମାତା ଶାନ୍ତି ଦେବୀ ଙ୍କର କୋଳମଣ୍ଡନ କରିଥିବା ପବିତ୍ର ମୋହନ ଜନ୍ମ ର ପାଞ୍ଚ ବର୍ଷ ପୂର୍ବରୁ ପିତୃମାତୃ ହରା ହୋଇଥିଲେ। ବଡ଼ଭାଇ ମାଗତା ଙ୍କ ଦ୍ୱାରା ପ୍ରତିପାଳିତ ପବିତ୍ର ମୋହନ ତାଳଚେର ରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟ ରୁ ଅତି ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ମାଟ୍ରିକ, କଟକ ରେଭେନ୍ସା କଲେଜରୁ ବି.ଏ. ଓ ରାଧାନାଥ ଟ୍ରେନିଂ କଲେଜରୁ ଡି.ଇଡି. ପାସ କରି ତାଳଚେର ରାଜ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଶିକ୍ଷକ ରୂପେ ନିଯୁକ୍ତି ପାଇଲେ। ମୁକ୍ତିପଥ ର ସୈନିକ ସାଜି ଦେଶ ମାତୃକାକୁ ବ୍ରିଟିଶ ଶାସନ କବଳରୁ ରକ୍ଷା କରିବାପାଇଁ ଯାହାର ଜନ୍ମ ସେ କଣ କେବେ ଚାକିରୀ ମଧ୍ୟରେ ନିଜକୁ ସୀମିତ ରଖି ପାରିବ। ନିଜର ସହପାଠୀ, ଛାତ୍ର ଓ ବିଭିନ୍ନ ଗ୍ରାମ ର ମୁଖିଆ ମାନଙ୍କ ସହିତ ରାଜତନ୍ତ୍ର ବିରୋଧରେ ସେ ଗୁପ୍ତ ମନ୍ତ୍ରଣା କଲେ। ରାଜା ଏହାର ସୁରାକ ପାଇ ପବିତ୍ର ମୋହନ ଙ୍କୁ ହତ୍ୟା କରି ବ୍ରାହ୍ମଣୀ ର ତାବଡା ଗଣ୍ଡ ରେ ପକାଇ ଦେବାପାଇଁ ଚକ୍ରାନ୍ତ କଲେ। କିନ୍ତୁ ରାଜା ଙ୍କ ଗୋଇନ୍ଦା ବଳରାମ ମହାପାତ୍ର ଏ କଥା ଗୁପ୍ତରେ ପବିତ୍ର ମୋହନ ଙ୍କୁ ଜଣାଇଦେବାରୁ ପବିତ୍ର ମୋହନ ରାତିରେ ପାଣି ଡାଳ ଧରି ଝାଡା ଯିବା ବାହାନା ରେ ତାଳଚେର ଛାଡି ଅନୁଗୋଳ ପଳାୟନ କଲେ। ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ ଙ୍କ ସହିତ କଟକ ଯାଇ ଟେଲିଗ୍ରାମ ମାଧ୍ୟମରେ ତାଙ୍କର ଇସ୍ତଫା ପତ୍ର ତାଳଚେର ରାଜା ଙ୍କ ନିକଟକୁ ପଠାଇ ଦେଲେ। ୧୯୩୮ ମସିହା ସେପ୍ଟେମ୍ବର ମାସ ୬ ତାରିଖ ଦିନ ବ୍ରିଟିଶ ଶାସିତ ଅନୁଗୋଳ ର ବୀରଭୂମି କୋଶଳା ଠାରେ ତାଳଚେର ର ପ୍ରାୟ ଛଅ ହଜାର ପ୍ରଜା ଙ୍କୁ ନେଇ ପବିତ୍ର ମୋହନ ପ୍ରଜାମଣ୍ଡଳ ଗଠନ କରିଥିଲେ। ୧୯୩୮ ମସିହା ସେପ୍ଟେମ୍ବର ୧୬ ତାରିଖ ଦିନ ତାଳଚେର ର ପ୍ରାୟ ଚାଳିଶ ହଜାର ପ୍ରଜା ଙ୍କୁ ନେଇ ଏକ ଶୋଭାଯାତ୍ରାରେ ବୀରଭୂମି କୋଶଳା ର ପବିତ୍ର ମାଆ ରାମଚଣ୍ଡୀ ଙ୍କ ପୀଠ ଠାରେ ପହଞ୍ଚି ବିପ୍ଳବୀ ଜନତା ଙ୍କୁ ଉଦବୋଧନ ଦେଇ ପବିତ୍ର ମୋହନ ରାଜା ଙ୍କୁ କର ନଦେବା ପାଇଁ ବେଠି, ବେଗାରୀ ନ ଖଟିବା ପାଇଁ ଜନତା ଙ୍କୁ ପ୍ରବର୍ତ୍ତାଇଲେ।

ମନ ରେ ଅପୂର୍ବ ସାହାସ ହୃଦୟରେ ଦେଶ ପ୍ରେମର ବହ୍ନି କୁ ପ୍ରଜ୍ୱଳିତ କରି ମାଆ ରାମଚଣ୍ଡୀ ଙ୍କର


ପବିତ୍ର ମୋହନ ପ୍ରଧାନ

ଆଶୀର୍ବାଦ କୁ ଶିରରେ ଧାରଣ କରି ତାଳଚେର ଜନ ସାଧାରଣ ଘରକୁ ପ୍ରତ୍ୟାବର୍ତ୍ତନ କଲେ। କେବଳ କଥାରେ ନୁହେଁ ଜନସାଧାରଣ କାମ ରେ ଦେଖାଇଦେଲେ। ସେଦିନ ତାଳଚେର ରାଜା ଙ୍କ ଡ଼ମ ସିପାହୀ ଓ ବ୍ରିଟିଶ ଫୌଜ ବେଜେଲଗେଟ ଙ୍କ ନେତୃତ୍ୱରେ ଏକ ଲରି ସାହାଯ୍ୟ ରେ ଗାଁ ଗଣ୍ଡା ରେ ପଶି ଲୁଟ ତରାଜ ଓ ଅକଥନୀୟ ଅତ୍ୟାଚାର କଲେ। ବଡ଼ତ୍ରିବିଡା ଗାଁ ର ସାହିବ ବେହେରା ପ୍ରଧାନ ଙ୍କ ଘର ଲୁଟତରାଜ କରି ଓ ତାଙ୍କ ଘରେ ଅଗ୍ନି ସଂଯୋଗ କରି ଗୋଧୂଳି ସମୟରେ ତାଳଚେର ପ୍ରତ୍ୟାବର୍ତ୍ତନ ବେଳେ ଲରି ଟି ଚନ୍ଦ୍ରବିଲ ମୌଜା ନିକଟସ୍ଥ ସିଙ୍ଗିଡା ଯୋଡ ବାଲି ରେ ଅଟକିଗଲା। ଲରି ଟିକୁ ଠେଲି ପାରକରିବା ପାଇଁ ବେଜେଲଗେଟ ଲୋକମାନଙ୍କୁ ନିର୍ଦ୍ଦେଶ ଦେଲେ। କିନ୍ତୁ ସେହି ଗ୍ରାମ ର ହରିଜନ ଯୁବକ ବିକା ନାଏକ ଅତ୍ୟନ୍ତ ସାହାସର ସହିତ କହିଲେ,'ପ୍ରଜାମଣ୍ଡଳ ର ନିର୍ଦ୍ଦେଶ ଅଛି, ଆମେ ଆଉ ବେଠି ଖଟିବୁ ନାହିଁ।' ଗର୍ଜ୍ଜି ଉଠିଲା କମାଣ। ରକ୍ତ ରଞ୍ଜିତ ହୋଇଉଠିଲା ସିଙ୍ଗିଡା ର ବାଲି। ସହିଦ ହେଲେ ବିକା ନାଏକ। ପାଞ୍ଚ ଜଣ ଫୌଜ ଙ୍କ ଛେରା ଗୁଳି ରେ ଆହାତ ହେଲେ। ସେଦିନ ଥିଲା ୧୯୩୮ ମସିହା ସେପ୍ଟେମ୍ବର ୨୧ ତାରିଖ। ତାରବାର୍ତ୍ତା ମାଧ୍ୟମରେ ଏ ସମ୍ବାଦ କୁ ପବିତ୍ର ମୋହନ ମହାତ୍ମା ଗାନ୍ଧୀ ଙ୍କୁ ଅବଗତ କରାଇଲେ। ମହାତ୍ମା ଗାନ୍ଧୀ ଙ୍କ ପରାମର୍ଶ କ୍ରମେ ପବିତ୍ର ମୋହନ ପ୍ରଧାନ ଙ୍କର ଆହ୍ୱାନ ରେ ତାଳଚେର ର ତତ୍କାଳୀନ ୮୬ହଜାର ପ୍ରଜା ମଧ୍ୟରୁ ୬୦ହଜାର ପ୍ରଜା ନିଜର ଭିଟାମାଟିର ମୋହ କୁ ପଛ ରେ ପକାଇ ୧୯୩୮ ମସିହା ନଭେମ୍ବର ମାସ ଠାରୁ ୧୯୩୯ ଜୁନ ମାସ ପର୍ଯ୍ୟନ୍ତ ଦୁଇ ଦୁଇ ଥର ଚାଷବାସ ଛାଡି କୋଶଳା, ଆମ୍ବପାଳ, ନତଡା, ସନ୍ତାବନ୍ଧ, କମ୍ପସଲା, ବୁଢ଼ାପଙ୍କ ଇତ୍ୟାଦି ଗ୍ରାମ ର ଆମ୍ବ ତୋଟା ଓ ଖୋଲା ପଡ଼ିଆରେ ପତ୍ର କୁଡ଼ିଆ କରି ହିଜରାତ କରିଥିଲେ।୧୯୩୮ ଜୁନ ୨୩ ତାରିଖ ଦିନ ତାଳଚେର ରାଜା ଅନୁଗୋଳ ର ବଅଁରପାଳ ଡାକ ବଙ୍ଗଳା ଠାରେ ବ୍ରିଟିଶ ପଲିଟିକାଲ ଏଜେଣ୍ଟ ଙ୍କ ଉପସ୍ଥିତ ରେ ଘୋଷଣା କଲେ ଯେ ବେଠି ପ୍ରଥା, ଧର୍ମ ଅଦାଲତ ,ପାଞ୍ଚ ଆଣା ବାଜେ କର ରୁ ଦୁଇ ଅଣା ଉଠିଗଲା। ଜୁନ ୨୫ ତାରିଖ ଦିନ ପ୍ରଜାକୁଳ ସ୍ୱ ସ୍ୱ ଗୃହ କୁ ପ୍ରତ୍ୟାବର୍ତ୍ତନ କଲେ। କିନ୍ତୁ ରାଜା ନିଜ ଘୋଷଣା କୁ କାର୍ଯ୍ୟରେ ପରିଣତ କଲେ ନାହିଁ। ୧୯୪୦ ମସିହା ନଭେମ୍ବର ୨୬ ତାରିଖ ଠାରୁ ତାଳଚେର ରାଜା ପ୍ରଜାମଣ୍ଡଳ ର ନେତୃ ମଣ୍ଡଳୀ ଙ୍କୁ ଭାରତ ରକ୍ଷା ଆଇନ ବଳ ରେ ଗିରଫ କରି ଚାଲିଲେ।୧୯୪୨ ମାର୍ଚ୍ଚ ୨୬ ତାରିଖ ଦିନ ପବିତ୍ର ମୋହନ ପ୍ରଧାନ ଗିରଫ ହୋଇ ତାଳଚେର ଜେଲ ରେ ବନ୍ଦୀ ଜୀବନ ଯାପନ କଲେ। ଗାନ୍ଧିଜୀ ଙ୍କ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେବା ପାଇଁ ପବିତ୍ର ମୋହନ ସାଥି ବନ୍ଦୀ ମାନଙ୍କ ଦ୍ୱାରା ଏକ ମନୁଷ୍ୟକୃତ ପିରାମିଡ ଦ୍ୱାରା ତାଳଚେର ଜେଲ ପ୍ରାଚୀର ଡେଇଁ ୧୯୪୨ ଅଗଷ୍ଟ ୩୧ ତାରିଖ ଏକ ବର୍ଷା ବିଧୌତ ପ୍ରାକ ଉଷା ସମୟରେ ଜେଲ ପ୍ରାଚୀର ଡେଇଁ ପଳାୟନ କଲେ। ତାଳଚେର ଛାଡି ସମ୍ବଲପୁର ଦେଇ ସେ କଲିକତା ପଳାୟନ କଲେ। କଲିକତା ରେ ଘରୋଇ ଚାକର'ରାମୁ' ସାଜି ଅଇଁଠା ବାସନ ମାଜିଛନ୍ତି। ବିପଦ ଶଙ୍କୁଳ ଚିରସ୍ରୋତା ବ୍ରହ୍ମପୁତ୍ର ନଦୀ କୁ ଦୁଇ ଦୁଇ ଥର ପହଁରି ସେ ଚେଷ୍ଟା କରିଛନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଙ୍କୁ ସାକ୍ଷାତ କରି ଆକାଶ ମାର୍ଗରୁ ତାଳଚେର ରାଜବାଟୀ ଧ୍ୱଂସ କରିବାକୁ। ତେଣୁ ବାସ୍ତବିକ ସେ ଥିଲେ ଉଭୟ ଚରମ ପନ୍ଥୀ ଓ ନରମ ପନ୍ଥୀ। ପବିତ୍ର ମୋହନ ଙ୍କ ପଳାୟନ କୁ ଜନସାଧାରଣ ଚିନ୍ତା କଲେ ଯେ ରାଜା ତାଙ୍କର ପ୍ରିୟ ନେତାଙ୍କୁ ହତ୍ୟା କରି ପଳାୟନ ର ଆଖ୍ୟା ଦେଇଛନ୍ତି। ତେଣୁ ତାଳଚେର ଜନସାଧାରଣ ତାଳଚେର ଜେଲ ଭାଙ୍ଗି ଅନ୍ୟ ରାଜନୈତିକ ବନ୍ଦୀ ମାନଙ୍କୁ ମୁକ୍ତ କରିବା ପାଇଁ ଜେଲ ଅଭିମୁଖେ ଚାଲିଲେ। ନିରସ୍ତ୍ର ଜନସାଧାରଣ ଙ୍କ ଉପରକୁ ଇଂରେଜ ସରକାର ବ୍ୟୋମଯାନ ରେ ଆକାଶ ମାର୍ଗରୁ ଗୁଳି ବର୍ଷଣ କଲେ। ଏହା ମଧ୍ୟ ଭାରତ ଇତିହାସରେ ଏକ ଅନନ୍ୟ ଘଟଣା। ୧୯୪୭ ମସିହା ଜୁଲାଇ ମାସ ରେ ପବିତ୍ର ମୋହନ ପ୍ରଧାନ ତାଳଚେର ପ୍ରତ୍ୟାବର୍ତ୍ତନ କଲେ। ହଜାର ହଜାର ଜନସାଧାରଣ ଙ୍କ ସହିତ ରାଜବାଟୀ ଆକ୍ରମଣ ପାଇଁ ପବିତ୍ର ମୋହନ ରାଜବାଟୀ ଆକ୍ରମଣ ପାଇଁ ମସୁଧା କରିବାରୁ ରାଜା ଭୟଭୀତ ହୋଇ ତାଙ୍କୁ ଜୀବିତ ବା ମୃତ ଭାବରେ ଧରାଇ ଦେଲେ ଦଶ ହଜାର ଟଙ୍କାର ପୁରସ୍କାର ଓ ୱାରେଣ୍ଟ କୁ ରଦ୍ଦ କଲେ। ସମଗ୍ର ଭାରତବର୍ଷ ସିନା ୧୯୪୭ ଅଗଷ୍ଟ ୧୫ ତାରିଖ ଦିନ ସ୍ୱାଧୀନତା ଲାଭ କଲା କିନ୍ତୁ ତାଳଚେର ପରି ଗଡ଼ଜାତ ରାଜ୍ୟ ୧୯୪୮ ଜାନୁଆରୀ ୧ ତାରିଖ ଦିନ ରାଜତନ୍ତ୍ର ରୁ ମୁକ୍ତିଲାଭ କରି ଗଣତନ୍ତ୍ର ର ନୂତନ ସୂର୍ଯ୍ୟାଲୋକ ଦେଖିବାର ସୌଭାଗ୍ୟ ଲାଭ କଲା। ୧୯୪୮ ମସିହା ରୁ ୧୯୪୯ ମସିହା ପର୍ଯ୍ୟନ୍ତ ପବିତ୍ର ମୋହନ ମନୋନୀତ ହୋଇ ଓଡିଶା ରାଜ୍ୟ ଶାସନ ସଂସ୍କାର ଉପଦେଷ୍ଟା ଭାବରେ କାର୍ଯ୍ୟ ସମାପନ କରିଥିଲେ। ୧୯୫୦ ମସିହାରେ ଓଡ଼ିଶାର ବିଧାନସଭା କୁ ଗଡ଼ଜାତ ରାଜ୍ୟ ମାନଙ୍କ ତରଫରୁ ବିଧାନସଭା କୁ ମନୋନୀତ ହୋଇ ହରେକୃଷ୍ଣ ମହତାବ ଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ହୋଇଥିଲେ।୧୯୫୦ ରୁ ୧୯୫୨ ମସିହା ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ଙ୍କ ମନ୍ତ୍ରୀମଣ୍ଡଳ ରେ,୧୯୫୭ରେ ହରେକୃଷ୍ଣ ମହତାବ ଙ୍କ ମନ୍ତ୍ରିମଣ୍ଡଳ ରେ,୧୯୬୧ ରେ ବିଜୁ ପଟ୍ଟନାୟକ ଙ୍କ ମନ୍ତ୍ରିମଣ୍ଡଳରେ ସଦସ୍ୟ ଥିଲେ।୧୯୬୫ ରେ କଂଗ୍ରେସ ଛାଡି ଜନକଂଗ୍ରେସ ଗଠନ କରି ୧୯୬୭ ମସିହାରେ ରାଜେନ୍ଦ୍ର ନାରାୟଣ ସିଂ ଦେଓ ଙ୍କ ମନ୍ତ୍ରିମଣ୍ଡଳ ରେ ଉପମୁଖ୍ୟମନ୍ତ୍ରୀ ପଦ ଭାର ମଣ୍ଡନ କରିଥିଲେ। ୧୯୭୭ ମସିହାରେ ଦେବଗଡ଼ ସଂସଦୀୟ କ୍ଷେତ୍ର ରୁ ଏମ.ପି. ଭାବରେ ନିର୍ବାଚିତ ହୋଇଥିଲେ। ବହୁ ଉଚ୍ଚ ପଦପଦବୀରେ ଥାଇ ମଧ୍ୟ ସେ କେବେ ଦୁର୍ନୀତି ର ହତା ମାଡି ନାହାନ୍ତି। ତାଙ୍କର ସାମାଜିକ ଜୀବନ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଥିଲା। ଆଜନ୍ମ ଚିରକୁମାର ରହି ଦେଶ ମାତୃକାର ସେବାରେ ନିଜକୁ ନିୟୋଜିତ କରିଥିଲେ। ପବିତ୍ର ମୋହନ ଥିଲେ ଜଣେ ସାରସ୍ୱତ ସାଧକ। ପବିତ୍ର ଗ୍ରନ୍ଥାବଳୀ ରେ କବି ପବିତ୍ର ମୋହନ ବ୍ରାହ୍ମଣୀ, ମାଲ୍ୟଗିରି, ଚନ୍ଦ୍ର, ଇତ୍ୟାଦି କାବ୍ୟ ଗୁଡିକ ଛନ୍ଦ ଯୁକ୍ତ ଓ ରସାଳ ଅଟେ। ତାଙ୍କର ଆତ୍ମଜୀବନୀ ପୁସ୍ତକ,'ମୁକ୍ତି ପଥେ ସୈନିକ' ଓଡ଼ିଶା ଇତିହାସ ପାଇଁ ଏକ ଦଲିଲ। ୧୯୮୮ ମସିହା ଜୁନ ୧୩ ତାରିଖ ଦିନ ସମଗ୍ର ଓଡିଶାବାସୀ ଯେତେବେଳେ କୃଷି ଭିତ୍ତିକ ପର୍ବ ରଜ ପର୍ବ ପାଇଁ ପ୍ରସ୍ତୁତ ହେଉଥାନ୍ତି ସେତିକି ବେଳେ ଆକାଶ ବାଣୀ କଟକ ରେ ପବିତ୍ର ମୋହନ ପ୍ରଧାନ ଙ୍କର ମହାପ୍ରୟାଣ ଖବର ସମଗ୍ର ଓଡିଶାବାସୀ ତଥା ତାଳଚେର ବାସୀ ଙ୍କୁ ବ୍ୟଥିତ କରିଦେଲା। ଆଜି ତାଙ୍କର ପୁଣ୍ୟତିଥୀ ରେ ଆମେ ତାଙ୍କର ଶାଶ୍ୱତ ଆତ୍ମା ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ସିଦ୍ଧି ପ୍ରସାଦ ସାହୁ
ସହକାରୀ ଶିକ୍ଷକ, ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ,
କଣିହାଁ, ଅନୁଗୋଳ,
ମୋ:୭୦୦୮୪୫୦୨୪୫

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‌ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‌ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‌ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‌ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‌ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ତ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଋହୁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଞ୍ଚିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଲିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# ମୋ ଓଡ଼ିଶା

## ଓଡ଼ିଶାର ମ ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ ର୍ତ୍ତି ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ ର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧ୍ୟାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ ର୍ତ୍ତି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ ଓ ଅନ୍ୟଟି ହେଉଛି ଉ ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ ର ଜୋନକୁ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ ାୟତର ଲୋକମାନେ ଉପକୃତ ହୋଇପାରିବେ।

## ସ୍କାଉଟସ୍ ଗାଇଡସ୍‌ର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ୧୪୨ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ତା୩୦.୦୭.୨୦୨୨ରିଖ ଅପରାହ୍ନ ୩ଘଟିକା ସମୟରେ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିଲା । ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ସ୍ୱାଗତ ଅଭିଭାଷଣ ପରେ ଓଡିଶାର ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଗାଇଡ୍‌ର ସଭ୍ୟସଭ୍ୟାମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରାଯିବା ସଂଗେ ସଂଗେ ଆଗାମୀ ବର୍ଷରେ ହେବାକୁ ଥିବା କାର୍ଯ୍ୟକ୍ରମ ଗୁଡ଼ିକର ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ଜାତୀୟ ତଥା ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ଯୁବପୀଢ଼ିମାନଙ୍କ ପାଇଁ ପ୍ରାୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା: Sustanable Development Goal, ସ୍ୱଚ୍ଛ ଭାରତ ଅଭିଯାନ, ସର୍ଫ ସ୍ମାର୍ଟ, ଫ୍ରି ବିଙ୍ଗ୍ ମିଂ, ଷ୍ଟପ୍ ଦି ଭାଇଓଲେନ୍‌ସ୍, ମେସେଞ୍ଜର ଅଫ୍ ପିସ୍ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ । ପରିଶେଷରେ ରାଜ୍ୟ କମିଶନର (ହେଡକ୍ୱାର୍ଟର) ଶ୍ରୀ ରାଧାକାନ୍ତ ଦାସ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭା ଭଙ୍ଗ କରାଯାଇଥିଲା।

## କେନ୍ଦୁଝରଗଡ ରେଳଷ୍ଟେସନରୁ ଯୁବତୀ ଉଦ୍ଧାର

କେନ୍ଦୁଝର (ପିଏନ୍): ଗତ ୨୫ ତାରିଖ ରାତିରେ ଭୁବନେଶ୍ୱରରୁ କେନ୍ଦୁଝରଗଡ ଟ୍ରେନ ରେ ଆସିଥିବା ଜଣେ ଯୁବତୀଙ୍କୁ କେନ୍ଦୁଝରଗଡ ରେଳଷ୍ଟେସନରୁ ଉଦ୍ଧାର କରାଯାଇଛି। ରାତ୍ରୀ ୯ଟା ୨୫ରେ ୧୮୪୫୬ ନଂ ଫାଷ୍ଟ ପାସେଂଜର ଟ୍ରେନ କେନ୍ଦୁଝରଗଡ ରେଳଷ୍ଟେସନରେ ପହଁଚିବା ପରେ ରେଲୱେ ପୋଲିସକୁ କିଛି ଯାତ୍ରୀ ଖବର କରିଥିଲେ। ରେଲୱେ ପୋଲିସ ଯୁବତୀଙ୍କୁ ଉଦ୍ଧାର କରି କେନ୍ଦୁଝର ଟାଉନ ପୋଲିସ ସହାୟତାରେ ବଣିଆପାଟ ସ୍ଥିତ ସ୍ୱଧାର ଗୃହରେ ରଖିଛି। ଯୁବତୀ ମାନସିକ ରୋଗରେ ଆକ୍ରାନ୍ତ ଥିବା ଆଶଙ୍କା କରାଯାଉଛି। ଏଣୁ ସେ ତାର ସଠିକ୍ ଠିକଣା କହିପାରୁନାହିଁ। ସେ ହିନ୍ଦିରେ କଥାବା ର୍ତ୍ତା କରୁଛି। ଯୁବତୀଙ୍କ ବୟସ ୨୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତେବେ ଉକ୍ତ ଯୁବତୀ କେଉଁ ସ୍ଥାନରୁ ଆସିଛି ତାହାର ତଦନ୍ତ ପୋଲିସ କରୁଛି।

## ମନରେଗା ଅର୍ଥ ଆତ୍ମସାତ୍ ଘଟଣାରେ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପ ାୟତ ଇମାମ୍‌ନଗର ଗାଁରେ ମନରେଗା ଅର୍ଥ ଆତ୍ମସାତ ଘଟଣାର ୨ଦିନିଆ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଲୋକାୟୁକ୍ତ। ଆସନ୍ତା ଅଗଷ୍ଟ ୧୬ ଓ ୧୭ତାରିଖରେ ଲୋକାୟୁକ୍ତଙ୍କ ତଦନ୍ତକାରୀ ଟିମ୍ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଓ ଘଟଣାସ୍ଥଳରେ ପହ ି ତଦନ୍ତ କରିବ। ଏଥିରେ ଧର୍ମଶାଳା ବିଡ଼ିଓ ଉପସ୍ଥିତ ରହି ସହଯୋଗ କରିବାକୁ ଲୋକାୟୁକ୍ତ ଗତ ୨୮ତାରିଖ ପତ୍ରସଂଖ୍ୟା-ଏଲ୍‌ୱାଇ-୫୮୯୨ରେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସମୟରେ ବ୍ଲକ୍‌ର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପିଇଓ ଓ ଜିଆର୍‌ଏସ୍ ସହଯୋଗ କରିବେ। ସେହିପରି ଅଭିଯୋଗ ସ୍ଥାନ ସରକାରୀ ଜମି କିମ୍ବା ବ୍ୟକ୍ତିଗତ ଜମି ଏହାକୁ ମାପଚୁପ କରିବା ପାଇଁ ଏଠାକାର ରାଜସ୍ୱ ନିରୀକ୍ଷକ ଓ ଅମିନ ଉପସ୍ଥିତ ରହିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଛି। ଅଭିଯୋଗକାରୀ ସାରୋଇ ଗ୍ରାମର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ଅଦାଲତରେ ପହ ି ନିଜ ପକ୍ଷ ରଖିବା ସହିତ ଅଭିଯୋଗ ସଂପର୍କୀତ କାଗଜପତ୍ର ଦାଖଲ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବନ୍ୟାପ୍ଲାବିତ ଇମାମ୍ ନଗର ଗାଁ ରାସ୍ତାର ଉଚ୍ଚତା ବଢ଼ାଇବା ପାଇଁ ମନରେଗା ଯୋଜନାରେ ୫୫୫ ମିଟର ରାସ୍ତା ମରାମତି ପାଇଁ ୨୦୨୦/୨୧ ଆର୍ଥିକ ବର୍ଷରେ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। ମାତ୍ର ଏହି ଗ୍ରାମର ଅକ୍ଷୟ କୁମାର ପାଳଙ୍କ ଘର ନିକଟରୁ ସୁନାକର ରାଉତଙ୍କ ଘର ପର୍ଯ୍ୟନ୍ତ ୨୮୦ ମିଟର ମାଟିରାସ୍ତା ମରାମତିରେ ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ମାତ୍ର ୬୦ମିଟର ରାସ୍ତାକାମ କରି ୨୮୦ ମିଟର କାମ କରିଛନ୍ତି ବୋଲି କାଗଜପତ୍ର ପ୍ରସ୍ତୁତ କରି ୨ଲକ୍ଷ ୯୩ହଜାର ୯୧୦ଟଙ୍କା ଉଠାଇ ନେଇଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଥିଲା। ତାହା ପୁଣି ବ୍ୟକ୍ତିଗତ ଜମିରେ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ସୂଚନା ଅଧିକାର କର୍ମୀ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ଜୁନ୍ ୨୨ତାରିଖରେ ଲୋକାୟୁକ୍ତଙ୍କ ଅଦାଲତରେ ୧୩୪/୨୦୨୨(ବି-୧)ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଏଥିରେ ଧର୍ମଶାଳା ବିଡ଼ିଓ ଅରବିନ୍ଦ ବେହେରା ଓ ତତ୍କାଳୀନ ପିଇଓ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଦାୟିତ୍ୱରେ ଥିବା ଠିକାଦାର ମନରେଗା ନିୟମାନୁସାରେ କାମ ନକରି ବେଆଇନ ଭାବେ ଶ୍ରମିକଙ୍କ ବଦଳରେ ଟ୍ରକ୍ ଓ ମେସିନ୍ ବ୍ୟବହାର କରିଥିଲେ। ସରକାରୀ ଜମି ବଦଳରେ ବ୍ୟକ୍ତିଗତ ଜମିରେ ମନରେଗା ଅର୍ଥ ବିନିଯୋଗ ହୋଇଥିଲା। ଏଭଳି ଏକ ସଙ୍ଗୀନ୍ ଅଭିଯୋଗର ଶୁଣାଣି କରି ଲୋକାୟୁକ୍ତ ତାଙ୍କ ନିଜସ୍ୱ ତଦନ୍ତକାରୀ ଟିମ୍‌କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପଦ୍ମଶ୍ରୀ ଅଜୟ ପରିଡାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ଧର୍ମଶାଳା,୩୦।୭(ପିଏନ୍): ଧର୍ମଶାଳା ବ୍ଲକ କୋତପୁର ପଂଚାୟତ ଭଗବାନପୁର ଗ୍ରାମର ପଦ୍ମଶ୍ରୀ ଡକ୍ଟର ଅଜୟ କୁମାର ପରିଡାଙ୍କ ଏକାଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଗତ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ବିଭୂତିଭୂଷଣ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ସ୍ମରଣୀକା 'ଅପରାଜେୟ ଅଜୟ'କୁ ଉନ୍ମୋଚିତ କରି ତାଙ୍କ ଅପରାଜେୟ କୃତିତ୍ୱ ସଂପର୍କରେ ଆଲୋକପାତ କରିଥିଲେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ପୂର୍ବତନ ସାଂସଦ ରୀତା ତରାଇ, ବିଜେପି ଜିଲ୍ଲା ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ପରିଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଧର୍ମଶାଳା ସଂଗ୍ରାମ ମାଟିର ସେ ଅନ୍ୟତମ ବରପୁତ୍ର ଥିଲେ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲା ପରିଷଦ ଅରବିନ୍ଦ ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ମମତା ଦଣ୍ଡପାଟ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସାରଦା ମହାନ୍ତି , ପୂର୍ବତନ ସରପଞ୍ଚ ସନ୍ତୋଷ କୁମାର ଜେନା, ବିଜେଡି ଜିଲା ମହାସଚିବ ଡକ୍ଟର ପ୍ରିୟନାଥ ମହାପାତ୍ର, ରାଜ୍ୟ ସମର୍ଥ ସଭାପତି କାହ୍ନୁଚରଣ ଦାଶ, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ, ବିଜେପି ନେତା ପବିତ୍ର ମୋହନ ଦାଶ, ଅଧିର ଜେନା, ସାମାଜିକ କର୍ମୀ ଦେବବ୍ରତ ରାଉତ, ପାଲାକାର ରଜନୀକାନ୍ତ ପୃଷ୍ଟି, 'ଅପରାଜେୟ ଅଜୟ' ସ୍ମରଣୀକାର ସଂପାଦକ ଅଭିମନ୍ୟୁ ଧଳ, ବିଜେଡି ନେତା ସତୀଶ ବିଶ୍ୱାଳ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ଆଇନଜୀବୀ ଉଦୟନାଥ ସାହୁ, ଜିଲା ମହିଳା ଉପସଭନେତ୍ରୀ ଆରତୀ ଦେଓ, ସୁବୋଧ ସାମଲ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ଅଧ୍ୟାପକ ପବିତ୍ର ମାହାଲା, ନିଶାନିବାରଣ ଅଭିଯାନ ସଭାପତି ବିଶ୍ୱଜିତ ମହାନ୍ତି, ପହଙ୍ଗା ସରପଞ୍ଚ ଗୋଲକ ମଲ୍ଲିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଅଜୟ ପରିଡାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ସାନଭାଇ ଅମୀୟ କୁମାର ପରିଡା, ଭଉଣୀ ମମତା ପରିଡା ଓ ପରିବାରର ସଦସ୍ୟ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ପରିଚାଳନା କରିଥିଲେ।

## ହାଟଡିହି ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ହାଟଡିହି (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ଗତ ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ବିଡିଓ ବିଚିତ୍ରାନନ୍ଦ କରଙ୍କ ତ ୍ୱାବଧାନରେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେ ଯୋଗଦେଇ ବିଭିନ୍ନ ଅଂଚଳରୁ ଆସିଥିବା ସାଧାରଣ ଲୋକଙ୍କଠାରୁ ୧୩୦ଟି ଅଭିଯୋଗ ଗ୍ରହଣ କରିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଶାଳଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହାଟଡିହି ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ପ୍ରସଙ୍ଗରେ ଦୀର୍ଘ ସମୟ ଧରି ସ୍ଥାନୀୟ ଅଧିବାସୀ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବାରୁ ସମଗ୍ର ହାଟଡିହି ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟୟ ହୋଇ ପଡିଛି । ସେହିପରି ହାଟଡିହି ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ଅଭାବର ସମସ୍ୟା ଲାଗି ରହିଥିବାରୁ ଶିକ୍ଷାଦାନରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଠାକରେ କେତେକ ଦିବ୍ୟାଙ୍ଗ ମାନଙ୍କୁ ତିନିଚକିଆ ଟ୍ରାୟ ସାଇକେଲ ବିତରଣ କରିଥିଲେ। ଏହି ଅଭିଯୋଗ ଶୁଣାଣିରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଂ, ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।

## ଯୁବମାରଣ ନୀତି ବିରୋଧରେ ଯୁବ କଂଗ୍ରେସର ଯୁବ ସମ୍ପର୍କ ପଦଯାତ୍ରା




ଭୁବନେଶ୍ୱର (ପିଏନ୍): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ଼ଃ ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ୨୯ ତାରିଖ ଶୁକ୍ରବାର ମାଲକାନଗିରିଠାରୁ ଆରମ୍ଭ ହୋଇଛି ରାଜ୍ୟବ୍ୟାପୀ ଯୁବ ସମ୍ପର୍କ ପଦଯାତ୍ରା। ଶନିବାର ଏହି ପଦଯାତ୍ରା କୋରାପୁଟର ଜୟପୁରଠାରେ ପହଂଚିଛି। ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଦେଶର ତଥା ରାଜ୍ୟର ଯୁବପିଢ଼ୀମାନଙ୍କୁ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ଯୁବମାରଣ ନୀତି ବିରୋଧରେ ସଚେତନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପଦଯାତ୍ରା। ରାଜ୍ୟର ସମସ୍ତ ଜିଲ୍ଲାକୁ ଯାତ୍ରା କରି ଯୁବ ପିଢ଼ୀମାନଙ୍କୁ ସଚେତନ କରିବା ସହ କଂଗ୍ରେସ ଦଳର ବିଚାରଧାରାକୁ ଯୁବପିଢ଼ୀଙ୍କ ନିକଟରେ ପହଂଚାଇବା ପାଇଁ 'ଯୁଥ୍ ଯୋଡୋ, ବୁଥ୍ ଯୋଡୋ' କାର୍ଯ୍ୟକ୍ରମକୁ ମଧ୍ୟ ହାତକୁ ନିଆଯାଇଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା କିଭଳି ଯୁବପିଢ଼ୀଙ୍କ ଭବିଷ୍ୟତ ନଷ୍ଟ କରିବା ସହ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବ, ସେ ସମ୍ପର୍କରେ ଜନଜାଗରଣ ମଧ୍ୟ ରାଜ୍ୟବ୍ୟାପୀ କରାଯିବ ବୋଲି ଓଡିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡଃ ସ୍ମୃତିରଂଜନ ଲେଙ୍କା ପ୍ରକାଶ କରିଛନ୍ତି। ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାର ଯୁବପିଢ଼ିମାନଙ୍କୁ ପ୍ରତାରିତ କରିଛି। ରାଜ୍ୟରେ ୨୨ ବର୍ଷର ବିଜୁ ଜନତା ଦଳର ସରକାର ସମୟରେ ଶିକ୍ଷିତ ଯୁବକଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନଦେଇ ଚୁକ୍ତିଭିତିକ ନିଯୁକ୍ତି ଦେଇ ଠିକା ଶ୍ରମିକ ଭାବେ ନିୟୋଜିତ କରୁଛି। ଏ ସବୁକୁ ଦୃଢ଼ ଭାବେ ନିନ୍ଦା କରିବା ସହ ତୁରନ୍ତ ଚୁକ୍ତିଭିତିକ ନିଯୁକ୍ତି ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି ଜଣାଇଛି ଯୁବ କଂଗ୍ରେସ। ଏହାବ୍ୟତୀତ ରାଜ୍ୟରେ ସରକାରୀ ନିଯୁକ୍ତି ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରି ସମ୍ପୂର୍ଣ୍ଣଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ଯୁବ କଂଗ୍ରେସ ଦାବି କରିଛି। ରାଜ୍ୟ କଂଗ୍ରେସ ପୁଣି ଥରେ ନିଜର ସତାକୁ ଫେରିବା ଲକ୍ଷ୍ୟ ରଖି ଆରମ୍ଭ କରିଥିବା ମିଶନ ୯ରୁ ୯୦କୁ ସଫଳ କରିବା ପାଇଁ ଯୁବ କଂଗ୍ରେସ ଏହି ମିଶନ୍‌ର ସାରଥି ହେବ ବୋଲି ଡଃ ଲେଙ୍କା ପ୍ରକାଶ କରିଛନ୍ତି। ରାଜ୍ୟରେ ବିଜେଡିର ଏକଛତ୍ରବାଦ ଶାସନର ଅନ୍ତ କରିବା ପାଇଁ ଯୁବପିଢ଼ୀମାନଙ୍କୁ ଏବେଠାରୁ ସଜାଗ କରୁଛି ଯୁବ କଂଗ୍ରେସ। ଯୁବ କଂଗ୍ରେସ ପକ୍ଷରୁ ଏକ ବିରାଟ ପରିବର୍ତନ ଲକ୍ଷ୍ୟରେ ହୋଇଥିବା ଏହି ପଦଯାତ୍ରାରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ଶେଷ ନାରାୟଣ ଓଝା, ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତଙ୍କ ସହ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ଜ୍ଞାନରଂଜନ ରାଉତ, ସମ୍ପାଦକ ବିଶ୍ୱଜିତ ଲେଙ୍କା, ରମେଶ ଖରା ଓ ରାଉରକେଲା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ସମସ୍ୟାରେ ଜର୍ଜରିତ ଟଙ୍ଗପାଲି ଗ୍ରାମ

ମାଲକାନଗିରି, (ପି.ଏନ): ମାଲକାନଗିରି ଜିଲା ସଦର ବ୍ଲକ ଉଡୁପା ପଂଚାୟତ ସଦର ମହକୁମା ଠାରୁ ମାତ୍ର ସାଢ଼େ ୩ କି.ମି. ଦୂରରେ ଛତିଶଗଡ ସୀମାନ୍ତକୁ ଲାଗିରହିଛି ଟଙ୍ଗପାଲ୍ଲୀ ଗ୍ରାମ। ଜିଲା ପ୍ରଶାସନ ଆଦିବାସୀମାନଙ୍କ ବିକାଶ ଏବଂ ଛତିଶଗଡକୁ ସଂଯୋଗ ପାଇଁ ମୋଟୁ ରୁ ଟଙ୍ଗପାଲ୍ଲୀ ଗ୍ରାମକୁ ଏକ ବସ୍ ସେବା ଯୋଗାଇ ଦେଇଥିଲେ। କିନ୍ତୁ, ବସ୍ଟି କିଛିଦିନ ଚାଲିଲା ପରେ ରାସ୍ତା ଖରାପ ଯୋଗୁ ବନ୍ଦ ହୋଇଗଲା। ଏହି ରାସ୍ତାରେ ପଡିଥିବା ଗୋଡିଗୁଡିକ ଉଠି ବିଭିନ୍ନ ସ୍ଥାନରେ ଖାଲଖମା ହୋଇଯିବାରୁ ଗ୍ରାମବାସୀ ରୋଗୀଙ୍କୁ ଡାକ୍ତରଖାନା ନେବା, ପଦ୍ମଗିରି ଓ ମାଲକାନଗିରି ସଦର ମହକୁମା ଆସିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ଗ୍ରାମରେ କୌଣସି ମୋବାଇଲ ଟାୱାର ନ ଥିବାରୁ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୧୧୦ ଛାତ୍ରୀଛାତ୍ରଙ୍କ ଅନ୍ ଲାଇନ୍ ପାଠପଢାରେ ବ୍ୟାଘାତ ଘଟିଛି। ଗ୍ରାମରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଏଠାରେ କେବଳ ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଜଣେ ଶିକ୍ଷୟିତ୍ରୀ ସରକାରୀ କାର୍ଯ୍ୟରେ ବାହାରକୁ ଯିବା ସମୟରେ ପାଠପଢାରେ ବ୍ୟାଘାତ ହେଉଛି। ଏଥି ସହ ବିଦ୍ୟାଳୟରେ ପାନୀୟ ଜଳର କୌଣସି ସୁବିଧା ନ ଥିବାରୁ ମଧ୍ୟାହ୍ନଭୋଜନ ଠିକ୍ ସମୟରେ ଯୋଗାଇ ଦିଆଯାଇ ପାରୁନାହିଁ। ଗ୍ରାମରେ ୨୫୦ ପରିବାର ଥିବା ବେଳେ ଏଠାରେ ଜନସଂଖ୍ୟା ୧୧୫୦। ଗ୍ରାମରେ ଥିବା ୫ଟି ନଳକୂପରୁ ୪ଟି ଅଚଳ। ଗୋଟିଏ ନଳକୂପ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଥିବାରୁ ଜଳ ନ ପାଇ ଗ୍ରାମଠାରୁ ଅଧା କି.ମି.ଦୂର ଏକ ଅପରିଷ୍କାର କୁଣ୍ଡରୁ ପାଣି ଆଣୁଥିବା ମହିଳାମାନେ କହିଛନ୍ତି। ସେହି ପାଣିରେ ରନ୍ଧା, ଲୁଗା ସଫା, ପିଲାମାନଙ୍କୁ ଗାଧୋଇବା, ପିଇବା ପାଇଁ ବ୍ୟବହାର କରିବା ସହ କୁଣ୍ଡରୁ ମଧ ଗୋରୁମାନେ ପାଣି ପିଉଛନ୍ତି। ସେହି ପାଣି ବ୍ୟବହାର ଦ୍ୱାରା ଗ୍ରାମରେ ଅନେକ ଚର୍ମରୋଗ, ପେଟରୋଗ ହେଉଥିବା ଗ୍ରାମ ମୁଖିଆ ଭଗବାନ ପଡିଆମି କହିଛନ୍ତି। ସେହିପରି ଦୀର୍ଘ ୧୦ ବର୍ଷ ପୂର୍ବରୁ ଉଠା ପାନୀୟଜଳ ବ୍ୟବସ୍ଥା ପାଇଁ ମୋଟର ଏବଂ ଟାଙ୍କି ଲଗା ଯାଇଥିଲେ ମଧ ଏକ ସପ୍ତାହ ପରେ ତାହା ଅଚଳ ହୋଇ ପଡିଥିବାରୁ ଗ୍ରାମବାସୀଙ୍କ ସମସ୍ୟା ଦୂର ହୋଇ ପାରୁନାହିଁ। ପାଂଚ ବର୍ଷ ପୂର୍ବରୁ ପଂଚାୟତ ସଦର ମହକୁମାରୁ ସାଢେ ୩ କି.ମି. ରାସ୍ତା ଟଙ୍ଗପାଲ୍ଲୀ ଗ୍ରାମକୁ ପାଣି ଯୋଗାଇବା ପାଇଁ ପାଇପ୍ ବିଛା ଯାଇଥିଲା। ଉକ୍ତ ପାଇପ୍ ଗୁଡିକ ଏକମାସ ମଧରେ ନଷ୍ଟ ହୋଇଯିବାରୁ ଗ୍ରାମକୁ ପାଣି ଆସିପାରିନାହିଁ। ୨୫୦ ପରିବାର ମଧରୁ ମାତ୍ର ୨ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଛନ୍ତି। ୨୦ ବର୍ଷ ମଧରେପକ୍କା ଘର ପାଇଛନ୍ତି। ଗ୍ରାମର ମୁଖିଆ ଭଗବାନ ପଡିଆମି, ନରସିଂହ ମାଡକାମି, ସରପଂଚ ଗଙ୍ଗା ମାଡକାମି, ଜୟ ମାଡକାମି, ରାମଧର ପଡିଆମି, ରାମଚନ୍ଦ୍ର କୁରାମି, ଏବଂ ସାମାଜିକ କର୍ମୀ ଫନିଭୂଷଣ ରାୟ କହିଛନ୍ତି, ଗ୍ରାମ ସୀମାନ୍ତକୁ ଲାଗି ଛତିଶଗଡର ଚିତାପାଲ୍ଲୀ ରହିଛି। ସେହିଗ୍ରାମକୁ ଛତିଶଗଡ ସରକାର ଘରେ ଘରେ ପାନୀୟ ଜଳ, ରାସ୍ତାଘାଟ ବିଜୁଳି, ଖାଦ୍ୟ ସାମଗ୍ରୀ, ପ୍ରାଥମିକ ବିଦ୍ୟାଳୟରେ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ଇତ୍ୟାଦିର ସୁବିଧା କରିଥିଲେ। ଆମେ ଏ ସମ୍ପର୍କରେ ଜିଲା ଓ ବ୍ଲକ ପ୍ରଶାସନକୁ ବହୁବାର ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରି ନାହିଁ। କେବଳ ନିର୍ବାଚନ ସମୟରେ ନେତାମାନେ ଗ୍ରାମକୁ ଆସି ଏହି ସମସ୍ୟା ଶୀଘ୍ର ଦୂର କରିବୁ ବୋଲି ପ୍ରତିଶ୍ରୁତି ଦେଉଛନ୍ତି। ନିର୍ବାଚନ ଶେଷ ହେବା ପରେ ଆଉ ଗ୍ରାମକୁ କେହି ଆସିନାହାନ୍ତି। ଏଣୁ, ଉଡୁପା ପଂଚାୟତବାସୀଙ୍କ ସହ ଟଙ୍ଗପାଲ୍ଲୀ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି, ତୁରନ୍ତ ଆମ ପଂଚାୟତ ଏବଂ ଗ୍ରାମର ଥିବା ବିଭିନ୍ନ ସମସ୍ୟା ଦୂରକରିବା ପାଇଁ ।

## ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଓ ଚାଷଜମି ଫେରାଇବା ଅଭିଯାନ



ଭୁବନେଶ୍ୱର,(ପି.ଏନ): ପୁରୀ-କୋଣାର୍କ ବେଳାଭୂମି ମାର୍ଗ ଉପକଣ୍ଠ ୨୨ ମୌଜା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଏକରର ମୂଲ୍ୟବାନ ଚାଷଜମି, ଘରବାରୀ, ଗୋଚ୍ର ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମିକୁ ଶାଗମାଛ ଦରରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କରିବା ଆଳରେ ବେଦାନ୍ତ କମ୍ପାନୀ ହାତେଇନେଇ ଥିଲା। ବେଦାନ୍ତ କମ୍ପାନୀକୁ ଏହି ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲେ। ଯାହାକୁ ନେଇ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଥିଲା ଓ ପରବର୍ତ୍ତୀ ସମୟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ଏହାକୁ ଦୃଢ଼ ବିରୋଧ କରିଥିଲା। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ବେଦାନ୍ତ ବିରୋଧୀମାନେ କେବଳ ପୁରୀ ସହର ନୁହେଁ, ରାଜ୍ୟବାସୀଙ୍କୁ ଏହି ବେଆଇନ୍ ଜମି ହସ୍ତାନ୍ତର ନେଇ ସଚେତନ କରିବା ସହ ନୂଆଦିଲ୍ଲୀ ଠାରେ ବିଶାଳ ଶୋଭାଯାତ୍ରାରେ ପ୍ରତିବାଦ କରିଥିଲେ। ହାଇକୋର୍ଟଙ୍କ ଠାରୁ ସୁପ୍ରିମକୋର୍ଟ ଯାଏଁ ବେଦାନ୍ତ କମ୍ପାନୀର ଏହି ଜମି ଦଖଲକୁ ବେଆଇନ ଦର୍ଶାଇବା ସହ କମ୍ପାନୀକୁ ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିବା ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ଏବେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେ ନେଇ ପୁଣି ଏକ ସଂଘର୍ଷର ସୂତ୍ରପାତ ଆରମ୍ଭ ହୋଇଛି। ରବିବାର ପୂର୍ବାହ୍ନରେ ପୁରୀ ସଦର ୨୨ ମୌଜା ଅନ୍ତର୍ଗତ ଛଇତନା ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଙ୍ଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନଙ୍କ ସଭାପତିତ୍ୱରେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ପାତ୍ର, ଦେବୀ ପ୍ରସାଦ ପୃଷ୍ଟିଙ୍କ ସମେତ ବିଶ୍ୱନାଥ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ବିଷ୍ଣୁ ପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ଗୋଛୟତ, ହରପ୍ରସାଦ ଜେନା,ପର୍ଶୁରାମ ପ୍ରଧାନ, ଗଙ୍ଗାଧର ପ୍ରଧାନ, ଅଭିନ୍ନ ଚନ୍ଦ୍ର ସ୍ୱାଇଁ, ରମେଶ ଦଳେଇ, ବୃନ୍ଦାବନ ପ୍ରଧାନ, ବଂଶୀଧର ପ୍ରଧାନ, ସୁକାନ୍ତ କୁମାର ଦାସ, ରାମଚନ୍ଦ୍ର ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଲକ୍ଷ୍ମଣ ପ୍ରଧାନ, ବ୍ରଜ କିଶୋର ପ୍ରଧାନ, ଦାମୋଦର ନାୟକ, ମଧୁସୂଦନ ରାଉତରାୟ, କିଶୋର ପ୍ରଧାନ, ପ୍ରଭାକର ସ୍ୱାଇଁ, ପ୍ରମୁଖ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଏହି ଅବସରରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତିର ଆବାହକ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ନିଜ ବ୍ୟକ୍ତବ୍ୟରେ ବେଦାନ୍ତ କମ୍ପାନୀ ହାତେଇଥିବା ଜମି ସମ୍ପୂର୍ଣ୍ଣ ବେଆଇନ କହିବା ସହ ଏ ସମ୍ପର୍କରେ ମାନ୍ୟବର ସୁପ୍ରିମକୋର୍ଟ ଓ ହାଇକୋର୍ଟ ଦେଇଥିବା ରାୟ ସମ୍ପର୍କରେ ଉପସ୍ଥିତ ମହଲଙ୍କୁ ସଚେତନ କରାଇଥିଲେ। ଦୀର୍ଘ ୧୭ ବର୍ଷର ଆଇନଗତ ଲଢ଼େଇ ପରେ ମାନ୍ୟବର ସୁପ୍ରିମକୋର୍ଟ ଏହି ବେଆଇନ ଜମି ଅଧିଗ୍ରହଣ ନେଇ ବେଦାନ୍ତ କମ୍ପାନୀକୁ ୫ ଲକ୍ଷ ଟଙ୍କା ଜରିମାନା ସହ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଛନ୍ତି। ମାତ୍ର ଅଧିକୃତ ଜମି ଗୁଡିକ ବର୍ତ୍ତମାନ ସୁଦ୍ଧା ଜମିହରା ମାନେ ଫେରି ପାଇନଥିବାରୁ ପୁଣି ଏକ ସଂଘର୍ଷର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି ଶ୍ରୀ ରଥ କହିଛନ୍ତି।

## ମାଲକାନଗିରି ମହାବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ

ମାଲକାନଗିରି, (ପି.ଏନ): ମାଲକାନଗିରି ମହାବିଦ୍ୟାଳୟ ଯୁକ୍ତ ୨ ବର୍ଷ ବାଣିଜ୍ୟ ଛାତ୍ର ମନୋଜ ହେମରମ୍ ଗତ ୧ ତାରିଖ ଦିନ ଏକ ଅଘଟଣ ଘଟି ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କ ଦ୍ୱାଦଶ ଦିବସରେ ମାଲକାନଗିରି ମହାବିଦ୍ୟାଳୟ ପ୍ରକୋଷ୍ଠରେ ଦ୍ୱାଦଶ ଦିବସ ସହିତ ଶୋକସଭା ଆୟୋଜନ କରାଯାଇଛି। ଏହି ସଭା ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ରୂପେ ଡ. ଉଦୟନାଥ ଖରା ମାଲକାନଗିରି ମାଲକାନଗିରି ମହାବିଦ୍ୟାଳୟ କମିଟି ସଭାପତି ଯୋଗଦାନ କରି ସ୍ୱର୍ଗୀୟ ମନୋଜ ହେମ୍ରମଙ୍କ ଫଟୋରେ ପୁଷ୍ପ ମାଳ ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ମୁଖ୍ୟ ଡଃ. ରଞ୍ଜନ କୁମାର ସ୍ୱାଇଁ ପ୍ରତ୍ୟକ୍ଷ ପରିଚାଳନା କରିଥିବା ବେଳେ ବି. ଗୁପ୍ତେଶ୍ୱର ରାଓ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରମେୟ ମହାନ୍ତି, ଜଗନ୍ନାଥ ସାହୁ, ଚନ୍ଦ୍ରଶେଖର ଖିଲ, ବୃନ୍ଦାବନ ଚିଟିକୀ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦଗତି କାମନା କରି ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମନୋଜ ହେମ୍ରମ ଜଣେ ଶୃଙ୍ଖଳିତ ଛାତ୍ର, ମେଧାବୀ ସରଳ ଜୀବନ ଯାପନ କରୁଥିବା ଅମାୟିକ ଛାତ୍ର ଥିଲେ।

## +୨ ବିଜ୍ଞାନ ୨୦୨୩ ପରୀକ୍ଷାରେ "ଭୁବନେଶ୍ୱର ଟପ୍ପର" ବର୍ଷାରାଣୀ ସ୍ୱାଇଁଙ୍କୁ "ଆମୋଫୋଇ" ଉତ୍ସବରେ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଏନ୍-୩ ବେହେରା ସାହିରେ ରହୁଥିବା +୨ ବିଜ୍ଞାନ ଛାତ୍ରୀ କୁମାରୀ ବର୍ଷାରାଣୀ ସ୍ୱାଇଁ ଚଳିତ ବର୍ଷ ପରୀକ୍ଷାରେ ୬୦୦ ରୁ ୫୬୪ ନମ୍ବର ରଖି ଭୁବନେଶ୍ୱର ଟପ୍ପର ହୋଇଥିବାରୁ ତାଙ୍କୁ "ଆମୋଫୋଇ" ପକ୍ଷରୁ ଆୟୋଜିତ ଜାତି-ଜାତକ-ଯୌତୁକଶୂନ୍ୟ ପ୍ରେମବିବାହ ଆନ୍ଦୋଳନର ୪୯ତମ ବର୍ଷିକ ଉତ୍ସବରେ ଗତ ୯ ତାରିଖରେ ସ୍ଥାନୀୟ ରେଡ଼କ୍ରସ ଭବନଠାରେ ପ୍ରଫେସର ଧନେଶ୍ୱର ସାହୁ, ସାହିତ୍ୟିକା ଡ଼.ବିଧୁପ୍ରଭା ରଥ ଓ "ଆମୋଫୋଇ" କୋ-ଫାଉଣ୍ଡର ମାଡ଼ାମ୍ ସ୍ୱପ୍ନା ବିଜୟିନୀ ସମ୍ବର୍ଦ୍ଧିତ କରିଛନ୍ତି। ଏଥିପାଇଁ ତାଙ୍କୁ ମାଡ଼ାମ୍ ବିଜୟିନୀ ୬୦୦୦ ଟଙ୍କା ପ୍ରଦାନ କରିବା ସହିତ ବିଶିଷ୍ଟ ଶିକ୍ଷାବିତ୍ "ସାର୍ ଗିରିଶ୍ଚନ୍ଦ୍ର ପଟ୍ଟନାୟକ ମିମୋରିଆଲ୍ ସ୍କଲାରସିପ୍" ନାମରେ ନାମିତ ବୃତ୍ତି ପ୍ରଦାନ କରିଛନ୍ତି ଓ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ। ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ। ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି। ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି। ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିଦ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।




# 2023-2024
# ADMISSION OPEN
## Maharishi Public School, Baripada

## STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

Bhubaneswar Tuesday June 13, 2023 ଭୁବନେଶ୍ୱର ମଙ୍ଗଳବାର, ଜୁନ ୧୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଘନ ଘନ ବିଦ୍ୟୁତ କାଟ ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶକ୍ତିମନ୍ତ୍ରୀଙ୍କ ସରକାରୀ ବାସଗୃହ ଆଗରେ ବିକ୍ଷୋଭ



ଭୁବନେଶ୍ୱର,(ପି.ଏନ): ଆଜି ପୂର୍ବାହ୍ନ ୧୧ ଘଂଟା ସମୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସର ନୱାଜଙ୍କ ନେତୃତ୍ୱରେ ବାରମ୍ବାର ବିଦ୍ୟୁତ କାଟ ପ୍ରତିବାଦରେ ଶକ୍ତିମନ୍ତ୍ରୀ ଶ୍ରୀ ପ୍ରତାପ ଦେବଙ୍କ ସରକାରୀ ବାସଭବନ ସମ୍ମୁଖରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ର କଂଗ୍ରେସର କର୍ମକର୍ତାମାନେ ହାତରେ ଲଣ୍ଠନ ଓ ବିଂଚଣା ଧରି ଅଭିନବ ଉପାୟରେ ସେଠାରେ ପ୍ରତିବାଦ ଜଣାଇଥିଲେ। ଛାତ୍ରକଂଗ୍ରେସର କର୍ମକର୍ତମାନେ ଶକ୍ତିମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ କରିବା ପାଇଁ ତାଙ୍କ ବାସଗୃହ ଆଡକୁ ଧସେଇ ପଶୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପ୍ରାୟ ଏକ ଘଂଟା କାଳ ଛାତ୍ରକଂଗ୍ରେସର କର୍ମକର୍ତାମାନଙ୍କ ସହ ପୋଲିସର ଧସ୍ତାଧସ୍ତି ଚାଲିଥିଲା। ଏହି ପରିପ୍ରେକ୍ଷୀରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କହିଛନ୍ତି ଯେ ଶକ୍ତିମନ୍ତ୍ରୀ ଶ୍ରୀ ପ୍ରତାପ ଦେବ ଜଣେ ଜନପ୍ରତିନିଧି ହୋଇ ସାଧାରଣଙ୍କ ଜନତାଙ୍କର ସମସ୍ୟାକୁ ଉପେକ୍ଷା କରି ଟାଟା ପାୱାର କମ୍ପାନୀ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ସତେ ଯେପରି ସେ ଟାଟା ପାୱାର କମ୍ପାନୀର ସେ ଜଣେ ସ୍ତାବକ। ବିଦ୍ୟୁତ କାଟକୁ ଶକ୍ତିମନ୍ତ୍ରୀ ଅସ୍ୱୀକାର କରୁଛନ୍ତି। ଏହାକୁ ଟ୍ରିପ ହେଉଛି କହି ଉପଭୋକ୍ତାମାନଙ୍କୁ ଭୁଆଁ ବୁଲାଉଛନ୍ତି। ଏବେ କାଳବୈଶାଖିର କ୍ଷତିଗ୍ରସ୍ତ ଯୋଗୁଁ ବିଦ୍ୟୁତ ସରବରାହରେ ବ୍ୟାଘତ ହେଉଛି ବୋଲି ନୂଆ କାହାଣୀ ଲେଖୁଛନ୍ତି। ଛାତ୍ରମାନେ ପାଠ ପଢ଼ିବା ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ମାତ୍ର ସରକାରଙ୍କର ସେଥିପ୍ରତି ନିଘା ନାହିଁ। ନିର୍ବାଚନ ପୂର୍ବରୁ ସବୁବେଳେ ୨୪ ଘଂଟିଆ ବିଦ୍ୟୁତ ଯୋଗାଣ ପ୍ରତିଶ୍ରୁତି ବିଜୁ ଜନତା ଦଳ ଦେଇଥାଏ। ମାତ୍ର ନିର୍ବାଚନ ପରେ ଏହି ପ୍ରତିଶ୍ରୁତି ପାଣିର ଗାର ହୋଇଯାଇଥାଏ। ଓଡ଼ିଶା ସରକାର ବିଗତ ୧୦ ବର୍ଷ ଭିତରେ ବିଦ୍ୟୁତ ବ୍ୟବସ୍ଥାର ସୁଧାର ପାଇଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି କହୁଥିବା ସ୍ଥଳେ ଏଥିରେ ୨୦ ଟଙ୍କା ଖର୍ଚ୍ଚ ହେଲା ଭଳି ଉପଲବ୍ଧି ହେଉନାହିଁ। ତାର, ଖୁଂଟି ଓ ଟ୍ରାନ୍ସଫରମରର ବ୍ୟାପକ ପରିବର୍ତନ ହେବା ପରିଦୃଷ୍ଟ ହେଉନାହିଁ। ଏଣୁ ଏଥିରେ ପ୍ରାୟ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି ବୋଲି ଅଭିଯୋଗ ହେଉଛି। ଭୁବନଶ୍ୱେର ଓ କଟକରେ ଭୂତଳ ବିଦ୍ୟୁତକରଣ ବ୍ୟବସ୍ଥା ହେବାର ଘୋଷଣା କରାହେଲା। ଭୁବନେଶ୍ୱର ପାଇଁ ୨ ହଜାର କୋଟି ଟଙ୍କା ବ୍ୟବସ୍ଥା କଲେ। ମାତ୍ର ଫଳ ଶୂନ। ୧୫ ମାସ ଭିତରେ ହକି ଷ୍ଟାଡ଼ିୟମ ହୋଇଗଲା ବୋଲି ୫ଟି ସଚିବ ଗର୍ଜନ କରୁଥିବାବେଳେ ୧୦ ବର୍ଷ ଭିତରେ ବିଦ୍ୟୁତ ବ୍ୟବସ୍ଥାର ସୁଧାର କାହିଁ ହୋଇପାରିଲା ନାହିଁ ତା'ର ଉତର ଦେବେ କି? ସାରା ଭାରତ ବର୍ଷରେ ଓଡ଼ିଶା ଏକ ବଳକା ବିଦ୍ୟୁତ ରାଜ୍ୟ ପରିଗଣିତ ହେଉଥିବାବେଳେ ଏଠାରେ ଉପଭୋକ୍ତାମାନେ ଚଢ଼ା ଦରରେ ବିଦ୍ୟୁତ କିଣୁଛନ୍ତି। ଟାଟା ପାୱାର ବିଦ୍ୟୁତ ବଂଟନ ଦାୟିତ୍ୱ ନ ନେବେ ଆଗରୁ ପ୍ରଥମ ସ୍ଲାବ୍‌କୁ ଶୂନ ରୁ ୧୦୦ ୟୁନିଟ୍ ଭିତରେ ରଖାଯାଉଥିବାବେଳେ ଏବେ ପ୍ରଥମ ସ୍ଲାବ ୟୁନିଟକୁ ୦ ରୁ ୫୦ ୟୁନିଟ୍ ଭିତରେ ରଖାଯାଉଛି। ଉପଭୋକ୍ତାଙ୍କ ତଂଟି ଚିପି ଟାଟା ପାୱାର ରକ୍ତ ଶୋଷଣ କରୁଥିବାବେଳେ ଶକ୍ତିମନ୍ତ୍ରୀ, ଶକ୍ତିସଚିବ, ଓଇଆରସି, ନୀରବ ଦ୍ରଷ୍ଟା ସାଜିଛନ୍ତି। କାରଣ ନବୀନ ସରକାର ଟାଟା ପାୱାର ଦ୍ୱାରା ଉପକୃତ ହେଉଛି। ଏଣୁ ସାଧାରଣ ଲୋକଙ୍କ ସ୍ୱାର୍ଥ ବଳି ପଡ଼ିଲେ ବି ଏହି ଅଧିକାରୀମାନେ ଏବଂ ଜନପ୍ରତିନିଧି ଚୁପ୍ ବସିଛନ୍ତି। କେବଳ ଯେ ଚୁପ୍ ବସିନାହାନ୍ତି ବରଂ ଟାଟା କମ୍ପାନୀ ସପକ୍ଷରେ ଚୁକ୍ତି ବାଢୁଛନ୍ତି। ନିକଟରେ କର୍ଣ୍ଣାଟକ ଗରୀବ ଲୋକଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ ମାଗଣା ଯୋଗାଉଥିବାବେଳେ ଆମ ରାଜ୍ୟ ବିପିଏଲ କାର୍ଡ଼ଧାରୀଙ୍କୁ ୨୦୦ ୟୁନିଟ୍ ମାଗଣା ଦିଆଯିବା ପାଇଁ ଛାତ୍ର କଂଗ୍ରେସ ଦାବୀ କରୁଛି। ଅନ୍ୟପକ୍ଷରେ ଟାଟା କମ୍ପାନୀର ଦାଦାଗିରି ବଢ଼ିଯାଇଛି। ମିଟର ରିଡ଼ିଂ ଓ ତ୍ରୁଟିପୂର୍ଣ୍ଣ କରି ଉପଭୋକ୍ତାଙ୍କ ଠାରୁ ଅସଦ୍‌ଉପାୟରେ ଅର୍ଥ ଆଦାୟ କରାଯାଉଛି। ପ୍ରତିବାଦ କଲେ ବିଦ୍ୟୁତ ସଂଯୋଗ କାଟି ଦିଆଯାଉଛି। ସୁତରାଂ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଦାବୀ କରାଯାଉଛି। ତୁରନ୍ତ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ବିଦ୍ୟୁତ ବ୍ୟବସ୍ଥାର ସୁଧାର ଆଣିବା ସହ ଟାଟା କମ୍ପାନୀ ଉପରେ ଅଙ୍କୁଶ ଲଗାଇବା ପାଇଁ ମଧ୍ୟ ଦାବୀ କରାଯାଉଛି। ଶକ୍ତିମନ୍ତ୍ରୀ ଟାଟାର ସ୍ତାବକ ନ ହୋଇ ଜନସାଧାରଣଙ୍କର ସ୍ୱାର୍ଥର ସୁରକ୍ଷା କରନ୍ତି। ଆଜିର କାର୍ଯ୍ୟକ୍ରମରେ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ରଣଜିତ ପାତ୍ର, ଅଜୟ ସାହୁ, ସ୍ୱାଗତ କର, ସୁରଜ ରାଉତ, ସାଗର ପଟ୍ଟନାୟକ, ବିଶ୍ୱଭୂଷଣ ମହାପାତ୍ର, କାର୍ତିକ କାଣ୍ଡି, ଉଦିତ୍ ପ୍ରଧାନ, ଶ୍ରୀ ମହାନ୍ତି, ଦୀପିକା ପାତ୍ର, ସାହାରୁଖ ଖାନ, ଆର୍ଯ୍ୟନ ସାସମଲ, ଅଭିନାଷ ନନ୍ଦ, ସୌମ୍ୟ ବରାଳ, ରାଜଦୀପ ବେହେରା, ଅହମଦ ଖାନ, ମହମ୍ମଦ ମନୱାର ଓ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ପୁରିଲା ୧୧ ଦିନ

ବାଲେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ଆଜି ପୁରିଛି ୧୧ ଦିନ। ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ଗତକାଲି ଠାରୁ ବାହାନଗାରେ ତିନି ଦିନିଆ ସର୍ବଧର୍ମ ପ୍ରାର୍ଥନା ସଭା, ସମୂହ ଶ୍ରଦ୍ଧାଞ୍ଜଳି, ଶୁଦ୍ଧି କ୍ରିୟା ସହିତ ମୁଣ୍ଡନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାହାନଗା ହାଇସ୍କୁଲ ପାଖ ପଡିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୁର୍ଘଟଣାରେ ଜୀବନ ହାରିଥିବା ଯାତ୍ରୀଙ୍କ ଆତ୍ମାର ସଦଗତି ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଏହି ସମୂହ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଜି ଏକାଦଶାହ ତଥା ସର୍ବଧର୍ମ ପ୍ରାର୍ଥନା ସଭାର ଦ୍ୱିତୀୟ ଦିନରେ ଚାଲିଛି ବିଶ୍ୱଶାନ୍ତି ମହାଯଜ୍ଞ ସହ ଅଷ୍ଟପ୍ରହରୀ ନାମ ସଂକୀର୍ତନ ଓ ଅଖଣ୍ଡ ଗାୟତ୍ରୀ ମନ୍ତ୍ର ଜପ। ସୋର ଅଂଚଳବାସୀ ଓ ବାଲେଶ୍ୱର ସାମାଜିକ ସଂଗଠନର କର୍ମକର୍ତା ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଗତକାଲି ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ସମୂହ ଦଶାହ ପାଳନ କରାଯାଇଥିଲା।

# ସହିଦ ଧରମସିଂ ମାଝୀ ମାନ୍ଧାତାଙ୍କ ବିଷୟ ଏନସିଆରଟି ପାଠ୍ୟକ୍ରମରେ ସାମିଲ୍ କରିବାକୁ ଦାବି

ବଲାଙ୍ଗିର, (ପି.ଏନ): ଭାରତୀୟ ସ୍ୱାଧୀନତା ସଂଗ୍ରାମ ପୂର୍ବରୁ ୧୮୫୩ ମସିହାରେ ବ୍ରିଟିସ ଶାସନ ବିରୁଦ୍ଧରେ ସଂଗ୍ରାମ ଆରମ୍ଭ ହୋଇଥିଲା। ତତକାଳୀନ ପାଟଣା ଗଡଜାତର ଆଟଗାଁ ଜମିଦାର ଅନ୍ୟାନ୍ୟ ଆଦିବାସୀ ସଂଗ୍ରାମୀଙ୍କ ସହିତ ମିଶି ଏହି ଲଢେଇ କରିଥିଲେ। ଗଞ୍ଜାମର ଘୁମୁସର ଅଂଚଳରୁ ଚକୋରା ବିଶୋଇଙ୍କ ନେତୃତ୍ୱରେ ଆରମ୍ଭ ହୋଇ ଉର୍ଲାଦାନୀର ରେଣ୍ଡୋ ମାଝୀଙ୍କ ସହାୟତାରେ ଆରମ୍ଭ ହୋଇଥିବା କନ୍ଧମେଳୀକୁ ଆଟଗାଁ ଜମିଦାର ପୃଷ୍ଟପୋଷକତା କରିଥିଲେ। ଚକୋରା ବିଶୋଇ ଓ ରେଣ୍ଡୋ ମାଝୀଙ୍କ ପ୍ରାୟ ୫୦୦ ସୈନ୍ୟଙ୍କୁ ଐତିହାସିକ ଭୀମପାହାଡର ଗୁମ୍ଫାମାନଙ୍କରେ ସୁରକ୍ଷିତ ଭାବରେ ରଖି ସେମାନଙ୍କୁ ୧ ବର୍ଷ ପର୍ଯ୍ୟନ୍ତ ଖାଦ୍ୟପେୟ ଦେବା ସହ ସୁରକ୍ଷା ଦେଇଥିଲେ। ଏପରିକି ଚକୋରା ବିଶୋଇଙ୍କୁ ରକ୍ଷା କରିବାକୁ ଯାଇ ଧରମସିଂ ମାଝୀ ମାନଧାତା ନିଜେ ଅଗ୍ରଧରି ବ୍ରିଟିସ ସୈନ୍ୟଙ୍କ ସହିତ ଲଢେଇ କରି ଶେଷରେ ଗିରଫ ହୋଇଥିଲେ। ତାଙ୍କୁ ନାଗପୁର ଜେଲକୁ ନିଆଯାଇଥିଲା ଓ ସେ ସେଠାରେ ୧୮୫୭ରେ ଜେଲରେ ମୃତ୍ୟୁବରଣ କରିଥିଲେ। ଆଜି ଦେଶରେ ସ୍ୱାଧିନତାର ୭୫ ବର୍ଷ ପୂର୍ତିରେ ଆମେ ଅମୃତ ମହୋତ୍ସବ ପାଳୁଛୁ କିନ୍ତୁ ସ୍ୱାଧିନତା ଆନ୍ଦୋଳନରେ ସହିଦ ହୋଇଥିବା ବୀରପୁରୁଷମାନଙ୍କୁ ଆମେ ଭୁଲିଯାଉଛୁ। ମୋଦୀ ସରକାରଙ୍କ ଅମଳରେ ଏନସିଆରଟି ପକ୍ଷରୁ ପ୍ରସ୍ତୁତ ହେଉଥିବା ପାଠ୍ୟକ୍ରମରେ ଅନେକ ଅନାଲୋଚିତ ବୀରପୁରୁଷଙ୍କ ସ୍ୱାଧିନତା ସଂଗ୍ରାମ ବିଷୟ ସାମିଲ କରାଯାଉଛି। ସେହି ଦୃଷ୍ଟିରୁ ବଲାଙ୍ଗୀର ମାଟିର ବୀରପୁରୁଷ ସହିଦ ଧରମସିଂମାଝୀ ମାନଧାତାଙ୍କ ସ୍ୱାଧିନତା ସଂଗ୍ରାମ ବିଷୟକୁ ଏନସିଆରଟି ପାଠ୍ୟକ୍ରମରେ ସାମିଲ କରିବାକୁ ଦାବି ହୋଇଛି। ଦେଓଗାଁ ବ୍ଲକ ମକୁନ୍ଦପୁରର ଭୀମପାହାଡ ମହୋତ୍ସବ କମିଟି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଏହି ଦାବି ରଖିଛି। ଏନସିଆରଟି ପାଠ୍ୟକ୍ରମରେ ସହିଦ ଧରମସିଂ ମାଝୀ ମାନଧାତାଙ୍କ ବିଷୟରେ ପଢାଗଲେ ଆଗାମୀପିଢୀ ଏହି ଅଂଚଳର ବୀରଗାଥା ଓ ସ୍ୱାଧୀନତା ସଂଗ୍ରାମ ବିଷୟରେ ଅବଗତ ହୋଇପାରନ୍ତେ ବୋଲି ଦାବି କରାଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ସାମ୍ବାଦିକ ସନ୍ଦୀପ କୁଅାଁର ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା କେନ୍ଦ୍ରମନ୍ତ୍ରୀଙ୍କ ପାଖରେ ଏହି ଦାବି ରଖିଛନ୍ତି। ଏହା ପୂର୍ବରୁ ଐତିହାସିକ ପର୍ଯ୍ୟଟନସ୍ଥଳୀ ଭୀମପାହାଡର ପାଦଦେଶରେ ଧରମସିଂ ମାଝୀଙ୍କ ସ୍ମୃତିକୁ ବହନ କରୁଥିବା ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ସ୍ଥାପନ କରିବାକୁ କମିଟିର ଅଧ୍ୟକ୍ଷ ଶ୍ରୀ ମେହେର ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ପରିବର୍ତନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସହିଦ ଧରମସିଂ ମାଝୀ ମାନଧାତାଙ୍କୁ କେନ୍ଦ୍ର ସରକାର ସ୍ୱାଧିନତା ସଂଗ୍ରାମୀ ମାନ୍ୟତା ଦେଇ ତାଙ୍କ ଉପରେ ଏକ ଡାକଟିକଟ ଉନ୍ମୋଚନ, ଆଟଗାଁର ଜମିଦାରୀ ମହଲକୁ ସ୍ମୃତୀପୀଠ ଘୋଷଣା କରାଯାଇ ଏହାର ଉନ୍ନତିକରଣ, ଆଟଗାଁରେ ଏକ ପ୍ରତିମୂର୍ତି ସ୍ଥାପନ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ପୋଷ୍ଟାଲ ଫିଲାଟେଲିକ ସଂସ୍ଥାକୁ ଚିଠି କରାଯାଇଛି ବୋଲି ସାମ୍ବାଦିକ ମୁକେଶ ବହିଦାର ସୂଚନା ଦେଇଛନ୍ତି।

## ଆର୍ଥିକ ସାକ୍ଷରତା ଓ ସଚେତନତା କର୍ମଶାଳା

ଭବାନୀପାଟଣା, (ପି.ଏନ): ଆଜି କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଗାଡେ ପଂଚାୟତର ରାଣୀପଟା ଗ୍ରାମରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ସା-ଧନ ନୂଆଦିଲ୍ଲୀ ସହାୟତାରେ ତଥା ସମ୍ପର୍କ ଫିନ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ଼ ଦ୍ୱାରା ନର୍ଲା ବ୍ଲକର ରାଣୀପଟା ଠାରେ ସ୍ଥାନୀୟ ସ୍ୱୟଂ ସହାୟିକା ଦଳର ସଭ୍ୟା ଓ କୃଷକ ମାନଙ୍କୁ ନେଇ ଏକ ଆର୍ଥିକ ସାକ୍ଷରତା ତଥା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଗାଡେବନ୍ଦ ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ କବିତା ବାଗ, ସମିତି ସଭ୍ୟା ଶ୍ରୀମତୀ ସୁଜାତା ସାହୁ ଓ ଏମବିକେ ଶ୍ରୀମତୀ ମିତାଞ୍ଜଳି ନାୟକ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମକୁ ଉଦଘାଟନ କରି ଡିଜିଟାଲ କାରବାର ଏବଂ ସୁରକ୍ଷିତ ବ୍ୟାଙ୍କିଙ୍ଗ ପାଇଁ ଉପସ୍ଥିତ ମହିଳା ମାନଙ୍କୁ ସଚେତନ କରିଥିଲେ। ସେ କହିଥିଲେ, ବ୍ୟାଙ୍କ୍ ଖାତା ଖୋଲିଲା ବେଳେ ଆମେ ଜଣଙ୍କୁ ନାମାଙ୍କନ ଭାବେ ଉଲ୍ଲେଖ କରିବାକୁ ହୋଇଥାଏ। ଦୁର୍ଭାଗ୍ୟବଶତଃ ବ୍ୟାଙ୍କ୍ ଖାତାଦାରଙ୍କ ମୃତ୍ୟୁ ହେଲେ ନାମାଙ୍କିତ ବ୍ୟକ୍ତିଙ୍କୁ ଜମା ଟଙ୍କା ମିଳିଥାଏ। କିନ୍ତୁ, ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଏକ ବିବରଣୀ ଅନୁଯାୟୀ, ମୋଟ ତିରିଶ ହଜାର କୋଟି ଜମାଟଙ୍କାର ବର୍ତମାନ ଯାଏଁ କୌଣସି ଦାବୀଦାର ନାହାନ୍ତି।

# କୁଲୁତା ସମାଜ ପକ୍ଷରୁ ସମ୍ବର୍ଦ୍ଧନା ସଭା

ବଲାଙ୍ଗିର,(ପି.ଏନ): କୁଲୁତା ସମାଜ ବଲାଙ୍ଗିର ଅଫିସରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ କୁଲୁତା ସମାଜ ବଲାଙ୍ଗିରର କର୍ମକର୍ତା ତଥା ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ସଭାରେ ରବିନ୍ଦ୍ର କୁମାର ପଧାନ କୁଲୁତା ସମାଜ ବଲାଙ୍ଗିରର ସଭାପତି ସଭାପତିତ୍ୱ କରିଥିଲେ। ବେଲାରସିଂ ଭୋଇ ବଲାଙ୍ଗିର ଜିଲ୍ଲା କୁଲୁତା ସମାଜର ସଭାପତି ମହୋଦୟ ମୁଖ୍ୟ ଅତିଥି ରୂପେ ମଂଚାସିନ ଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ରୁପକ କୁମାର ପଧାନ, ପି. ପର୍ଶୁରାମ ପଧାନ, ନି. ଇନ୍ଦିରାନଗରଙ୍କୁ ତାଙ୍କର ଓଡିଶାରେ ନିକଟ ଅତିତରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ସମ୍ବର୍ଦ୍ଧନା କରାଗଲା ଓ ମୃତାହତ ବ୍ୟକ୍ତିମାନଙ୍କର ଆତ୍ମାର ସଦଗତି କାମନା କରି ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କୁଲୁତା ସମାଜ ପାଇଁ ଗୌରବାନ୍ୱିତ କାର୍ଯ୍ୟ ତଥା ଯୁବ ସମାଜ ପାଇଁ ପ୍ରେରଣାଦାୟକ ବୋଲି ଉପସ୍ଥିତ ସଭ୍ୟ ସଭ୍ୟାମାନେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାରେ ସଭାପତି ରବିନ୍ଦ୍ର ପଧାନ, ମୁଖ୍ୟ ଅତିଥି ବେଲାରସେନ ଭୋଇ, ଶାନ୍ତନୁ ଭୋଇ, ଉପସଭାପତି ଜ୍ୟୋସ୍ନା ପଧାନ, ସୁଜାତା ପଧାନ, ସହ ସଂପାଦକ ମଧୁ ସାହୁ, ପୂର୍ବତନ ସଭାପତି ରାହାସ ବିହାରୀ ମାଝି ଓ ଅନ୍ୟମାନେ ରୂପକ ପଧାନଙ୍କ ଏପରି ମାନବିକତାପୂର୍ଣ୍ଣ ଓ ସ୍ୱତଃପ୍ରବୃତ ସାମାଜିକ ସେବା କାର୍ଯ୍ୟ ପାଇଁ ତାଙ୍କୁ ପ୍ରଶଂସା କରିବା ସହିତ ଏପରି ସମାଜ ସେବା କାର୍ଯ୍ୟରେ କୁଲୁତା ସମାଜର ସମସ୍ତ ସଭ୍ୟ ସଭ୍ୟା ଅଂଶଗ୍ରହଣ କରି କୁଲୁତା ସମାଜ ପାଇଁ ଗୌରବ ଆଣିବାକୁ ଉଦ୍‌ବୋଧନ ଦେଇଥିଲେ। ରୁପକ ପଧାନଙ୍କୁ ତାଙ୍କର ଏପରି ମାନବିକତାପୂର୍ଣ୍ଣ କାମ ପାଇଁ ଉତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଗଲା। ଶେଷରେ ସଭାପତିଙ୍କ ଆଦେଶରେ ସଂପାଦକ ବିଦେଶୀ ପଧାନ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ସଭା ସାଙ୍ଗ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଅଜିତ କୁମାର ଭୋଇ, ଯୁବ ସାମୁଖ୍ୟ ସୁଦର୍ଶନ ସାହୁ, ସଞ୍ଜିବ କୁମାର ଶାମଲ, ରବିନ୍ଦ୍ର ପଧାନ, ସୁନିଲ ମାଝି, ଲଳିତ ପଧାନ, ବଳରାମ ସାହୁ, ଚୈତନ୍ୟ ସା, ଶ୍ରୀନିବାସ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ମୋସନ କେନ୍ଦ୍ରାପଡା ସେଂଟର ପକ୍ଷରୁ ଛାତ୍ରଛାତ୍ରୀଙ୍କୁ କିଟ୍ ପ୍ରଦାନ

କେନ୍ଦ୍ରାପଡ଼ା,(ପି.ଏନ) ମୋସନ କେନ୍ଦ୍ରାପଡା ସେଣ୍ଟର ଠାରେ ଷ୍ଟୁଡେଣ୍ଟ କିଟ୍ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସେଣ୍ଟରର ମ୍ୟାନେଜିଙ୍ଗ ପାଟନର ଗୁଣନିଧି ଜଗତି ଛାତ୍ରଛାତ୍ରୀ ମାନଙ୍କୁ କିଟ୍ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସେଣ୍ଟରର ଇନଚାର୍ଜ ସୁଶିଲ କୁମାର ସାମଲ, ଏକାଡେମିକ ଇନଚାର୍ଜ ପ୍ରଦୀପ କୁମାର ଜେନା, ପାର୍ଟନର ଶରତ କୁମାର ବେହୁରା, ଅଶୋକ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମରୁତ କୁମାର ରାଉତ, ମନୋରଞ୍ଜନ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ, ରାଜାରାଣୀ ବେହୁରା, ସ୍ମୃତିପ୍ରଜ୍ଞା ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଏସଡବ୍ଲୁ, ଶିବା ଖଣିର ଟିକ୍ରାର ଅଂଚଳ ବାସୀଙ୍କ ଲାଗି ହୋଇଛି କାଳ

ରାଉରକେଲା, (ପି.ଏନ): ଦିନ ଦ୍ୱି ପହରରେ ବାରମ୍ବାର ଖଣି ଭିତରୁ ବିସ୍ଫୋରଣର ଶବ୍ଦ ତା ସାଙ୍ଗକୁ ଦିନ ମାନ କ୍ରସରରୁ ବାହାରୁଛି ଚୁନ ପଥର ଧୂଳି, ଏଭଳି ଦୁଇ ଦୁଇଟି ପ୍ରଦୁଷଣରେ ଆଖପାଖରେ ରହୁଥିବା ହଜାର ହଜାର ସାଧାରଣ ଜନତା ପେଶି ହେଉଥିବା ବେଳେ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ନିରଦ୍ରଷ୍ଟା ସାଜିଛି। ଫଳରେ ଲୋକ ମାନଙ୍କ ଦୁଖ ଦ୍ୱିଗୁଣିତ ହେବାରେ ଲାଗଛି। ଘଟଣା ହେଉଛି ସୁନ୍ଦରଗଡ ଜିଲ୍ଲା କୁତ୍ରା ଅଂଚଳର। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ଏହି ଅଂଚଳରେ ପୂର୍ବରୁ ଥିବା ଶିବା ଚୁନ ପଥର ଖଣି ଏବେ ଜେଏସଡବ୍ଲୁ ହାତକୁ ଯାଇଛି। ଉଭୟ ଖଣି ଓ ସିମେଟ କାରଖାନାକୁ ଜେଏସଡବ୍ଲୁ ନେଇ ପରିଚାଳନା କରୁଛି। ତେବେ କାରଖାନା ସଂପ୍ରସାରଣ ନେଇ ନାନା କଥା ଆଲୋଚନା ଚାଲିଥିବା ବେଳେ କଂପାନୀ କର୍ତୁପକ୍ଷ ପୂର୍ବରୁ ରହିଥିବା ଖଣିର ସଂପ୍ରସାରଣ ନେଇ ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡକୁ ଜଣାଇସାରିଛନ୍ତି। ତେବେ ଏହାର ସଂପ୍ରସାରଣ ହୋଇନଥିବା ବେଳେ କଂପାନୀ ପକ୍ଷରୁ ନିୟମିତ ମନଇଛା ଚୁନପଥର ଖୋଳା ଆରମ୍ଭ ହୋଇଛି। ଏଥିଲାଗି ଦିନ ମାନ ବ୍ଲାଷ୍ଟିଂ ଚାଲିଛି, ଦିନକୁ ବହୁଳ ପରିମାଣରେ ବ୍ଲାଷ୍ଟିଂ ଚାଲିଥିବା ବେଳେ ଏହାର ପ୍ରଭାବରେ ପାଖରେ ଥିବା ଖଡକୁରବାହାର ସମେତ ଆଖ ପାଖର ୪ରୁ ୫ଟି ଗାଁ ର ପ୍ରାୟ ୨ ହଜାର ଲୋକେ ପ୍ରଭାବିତ ହେଉଛନ୍ତି। ବାସଗୃହ ଗୁଡିକର କାନ୍ଥ, ଛାତ ଫାଟି ଯାଉଛି, ଗର୍ଭବତୀ ମହିଳା ମାନେ ଏହାଦ୍ୱାରା ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି, ପିଲା ମାନେ ଚମକି ଯାଉଛନ୍ତି, ଗାଁ ଗହଳିରେ ରହୁଥିବା ବୁଢା ବୁଢି ଶୋଇପାରୁ ନାହାନ୍ତି, ଛାତି ବେମାରରେ ପିଡିତ ରୋଗୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଖଣିରେ ବିସ୍ଫୋରଣ ପରେ ଜେସିବି ଆଦିରେ ଏହି ଚୁନ ପଥରକୁ ବାହାରକୁ ନେବା ଲାଗି କରାଯାଉଥିବା ପ୍ରୋସେସିଂରେ ବହୁଳ ପରିମାଣରେ ଚୁନ ଧୂଳି ଉଡି ଗାଁ ଗହଳିରେ ପଶୁଛି। ଲୋକଙ୍କ ପିଇବା ପାଣି ଠାରୁ ଆରମ୍ଭ କରି ଭାତ ହାଣ୍ଡିରେ ମଧ୍ୟ ଏହି ଚୁନ ପଥର ଧୁଳି ପଶୁଛି। ବୁଢା ବୁଢି ଛୋଟ ପିଲା ମାନେ ଏହାର ଶିକାର ହେବାରେ ଲାଗିଛନ୍ତି। ଅନେକ ଲୋକ ଏହାର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାର ଖବର ମିଳିଛି। ପୂର୍ବରୁ ଯାହା ଚାଲିଥିଲା ବର୍ତମାନ ଏହାର ଆକାର ବଢିବାରେ ଲାଗିଛି। ନିକଟରେ ପୂର୍ବତନ ବିଧାୟକ ମଙ୍ଗଳା କିଶାନ ରହୁଥିବା ବେଳେ ପାଖରେ ରାଜଗାଙ୍ଗପୁରରେ ବିଧାୟକ ରାଜନ ଏକା ରହୁଛନ୍ତି। ସେମାନେ ଏ ଦୁଖ ଦେଖିବା ସହ ଅନୁଭବ କରୁଛନ୍ତି, କିନ୍ତୁ ପ୍ରତିକାର ଆଦୌ ଦେଖାଯାଉନଥିବା କୁହାଯାଉଛି। ନିକଟରେ ଏହି ଖଣିକୁ ଲାଗି ରହିଥିବା ଏକ ବିଦ୍ୟାଳୟକୁ ସେଠାରୁ ଖଣି ଲାଗି ହଟାଇବା ନିମନ୍ତେ ହୋଇଥିବା ଏକ ମିଟିଂ ରେ ଦୁଇ ନେତା ଯେଉଁଭଳି ତୁ ତୁ ମେଁ ମେଁ ହେଲେ ସେଥିରୁ ଉଭୟଙ୍କର ଏ ଦିଗରେ ଆଗାମୀ ଦିନରେ କଣ ପଦକ୍ଷେପ ହେବ ସେନେଇ ଲୋକେ ଚାହିଁ ବସିଛନ୍ତି। ଅନ୍ୟପକ୍ଷରେ କଳ କାରଖାନା ହେଉ, କିନ୍ତୁ ସେଥିଲାଗି ଯଦି ଲୋକେ ପ୍ରଦୁଷଣର ଶିକାର ହେଲେ, ରୋଗରେ ପଡିଲେ, ମୃତ୍ୟୁବରଣ କଲେ ବାସହରା ହେବାକୁ ପଡିଲା ତେବେ କଳ କାରଖାନାରୁ ମିଳିବ କଣ ବୋଲି ବୁଦ୍ଧିଜୀବି ପ୍ରଶ୍ନ କରିଛନ୍ତି। ଏକଦା ଚାଷକୁ ନେଇ ଚଳୁଥିବା ଏହି ଲୋକେ ଏଭଳି ପ୍ରଦୁଷଣ ନେଇ ସେ ଅଂଚଳରେ ଜନ ଅସନ୍ତୋଷ ବଢିବା ସହ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ ସହ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ସାଧାରଣରେ ଆଲୋଚନା ଚାଲିଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray